୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.8 Bhubaneswar Tuesday Feburary 11 2025 | ୨୭ତମ ବର୍ଷ ସଂଖ୍ୟା–୮ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ମହର୍ଷି ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ପାଳିତ









ଭୁବନେଶ୍ୱର,୧୦।୨(ପି.ଏନ): ନୟାପଲ୍ଲୀସ୍ଥିତ ମହର୍ଷି ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ମହା ଧୁମ୍‌ଧାମରେ ଭୁବନେଶ୍ୱରସ୍ଥିତ ଗୁରୁକେଳୁଚରଣ ପ୍ରେକ୍ଷାଳୟରେ ସମ୍ପନ୍ନ ହୋଇଯାଇଅଛି। ପ୍ରାରମ୍ଭିକ ଗୁରୁପୂଜନ ସହ ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହପାତ୍ର ଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ଭୁବନେଶ୍ୱର ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ, ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଅଶୋକ ମହାପାତ୍ର, ନାଇଜରର କୁଳ ସଚିବ ଡକ୍ଟର ଅଭୟ ନାୟକ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ଉତ୍ତର ବିଧାୟକ ଶ୍ରୀ ପ୍ରିୟଦର୍ଶି ମିଶ୍ର, ବରିଷ୍ଠ ବିଜେପି ନେତା ଶ୍ରୀ ଜଗନ୍ନାଥ ପ୍ରଧାନ, ସ୍ୱନାମ ଧନ୍ୟ ଗାୟିକା ମିସ ବର୍ଣ୍ଣାଳୀ ହୋତା, ସ୍ଥାନୀୟ କର୍ପୋରେଟର ମାନସୀ ରାଣୀ ସୁନ୍ଦରରାୟ , ବିଶିଷ୍ଟ ସମାଜସେବୀକା ପରିଚୟ ଫାଣ୍ଡେସନର ଅଧକ୍ଷା ଶ୍ରୀମତୀ ଲିପି ପାଟଶାଣୀ ମିଶ୍ର, ଆଧ୍ୟାତ୍ମିକ ବକ୍ତା ମିହିରି ଜେନା, ମହର୍ଷି ପବ୍ଲିକ ସ୍କୁଲ ସମୁହ ଓ ବୈଦିକ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଅଧକ୍ଷ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଅତିଥିଗଣ ଛାତ୍ରଛାତ୍ରୀମାନଙ୍କୁ ମହର୍ଷିଙ୍କ ଜ୍ଞାନ ଓ ଜୀବନ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଦ୍ୱାରା ପରିବେଷଣ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲ ପରିଚାଳିକା ବୁଲ୍‌ବୁଲ୍ ବିଶ୍ୱାସ ସମସ୍ତ ଅଭିଭାବକ ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ କଡ଼ା ଚେକିଂ, ଗଣିବେ ମୋଟା ଅଙ୍କର ଡଣ୍ଡ

ଭୁବନେଶ୍ୱର,୧୦।୨(ପି.ଏନ): ରାଜଧାନୀରେ ଗାଡ଼ି ଧରି ବାହାରକୁ ବାହାରୁଥିଲେ ହୋଇଯାଆନ୍ତୁ ସାବଧାନ। ଗଣି ପାରନ୍ତି ମୋଟା ଅଙ୍କର ଡଣ୍ଡ। କାରଣ ଆଜିଠାରୁ ଜୋରଦାର ହେବ ଚେକିଂ। ପୋଲିସକୁ ଦେବାକୁ ପଡିପାରେ ଡଣ୍ଡ।ଆଜିଠୁ ଭୁବନେଶ୍ୱର ଓ କଟକରେ ହେବ କଡ଼ା ଚେକିଂ। ଗାଡିରେ ବିକଟାଳ ହର୍ଣ୍ଣ କିମ୍ବା କାରରେ କଳା କାଚ୍ ଲଗାଇଥିଲେ ଧରିବ ପୋଲିସ। ଆଉ ସେଥିପାଇଁ ଗଣିବାକୁ ପଡିବ ଡଣ୍ଡ।କଡ଼ା ଚେକିଂ: ଏମିତି କିଛି ଗାଡି ଅଛି ଯାହା ଶବ୍ଦ ପ୍ରଦୂଷଣ କରେ। କାରଣ ସେହି ଗାଡିରେ ଲାଗିଥାଏ ବିକଟାଳ ହର୍ଣ୍ଣ। ଯାହାକୁ ଶୁଣିବା ପରେ କାନ କଣ ହେଇଯାଏ। ତେଣୁ ଗାଡିରୁ ସେହି ସବୁ ହର୍ଣ୍ଣ କାଢିବାକୁ କଡା ଚେକିଂ କରାଯାଉଛି। ଏହାଛଡା ଯେଉଁ ମାନଙ୍କ କାରର କାଚ୍ କଳା ରଙ୍ଗର ହୋଇଥିବ। ତାକୁ ବି ଚେକିଂ କରି କାଢିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ସତର୍କ: ଏହି ଚେକିଂ ହଠାତ୍ ହୋଇନାହିଁ। ବରଂ ପୂର୍ବରୁ ଏନେଇ ସତର୍କ କରିଥିଲେ କମିଶନରେଟ୍ ପୋଲିସ। ଆଉ ଯେଉଁମାନଙ୍କ ଗାଡିରେ ବିକଟାଳ ହର୍ଣ୍ଣ ଲାଗିଛି କିମ୍ବା କଳା ରଙ୍ଗର କାଚ୍ ଲାଗିଛି ତାକୁ କାଢି ଦେବାପାଇଁ ସତର୍କ କରିଥିଲେ। ଯାହା ପାଇଁ ଆଜିଠୁ କଡା ଚେକିଂ ଆରମ୍ଭ ହୋଇଯାଇଛି। ବିଶେଷ କରି ଭୁବନେଶ୍ୱର ଓ କଟକରେ ଏହି ଚେକିଂ ହେଉଛି। ଯେଉଁମାନେ ନିୟମ ଉଲଘଂନ କରିବେ ସେମାନଙ୍କୁ ଗଣିବାକୁ ପଡିବ ମୋଟା ଅଙ୍କର ଡଣ୍ଡ।

## ବିଶ୍ୱରେ ଲଜ୍ଜିତ ହେଲା ଓଡିଶା: ନିଜଆଡୁ ତଦନ୍ତ ନିର୍ଦ୍ଦେଶ ନଦେଇ କାହିଁକି ସମୟ ଗଡାଇଲେ ସରକାର



ଭୁବନେଶ୍ୱର,୧୦।୨(ପି.ଏନ): ବାରବାଟୀ ଷ୍ଟାଡିୟମରେ ଭାରତ–ଇଂଲଣ୍ଡ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ବେଳେ ଅଧଘଣ୍ଟା ଧରି ପଡିଆ ଅନ୍ଧାର ରହିଲା । ସମଗ୍ର ବିଶ୍ୱ ମ୍ୟାଚ୍‌ର ସିଧାପ୍ରସାରଣ ଦେଖୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଓଡିଶା ସରକାର ଓ ଓଡିଶା କ୍ରିକେଟ୍ ଆସୋସିଏସନର ପରିଚ୍ାଳନାଗତ ତ୍ରୁଟିକୁ ପଦାରେ ପକାଇଛି । ଏହି ଘଟଣା ଓଡିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଛି ତଥାପି ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ନିଜଆଡୁ ଉଚ୍ଚ୍ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ଓଡିଶା କ୍ରିକେଟ୍ ଆସେସିଏସ(ଓସିଏ) ସମ୍ପାଦକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।କ୍ରୀଡାମନ୍ତ୍ରୀ–ଓସିଏ ସମ୍ପାଦକ–ବସ୍ କର୍ତ୍ତୃପକ୍ଷ ସମସ୍ତେ ନିଜ ନିଜର ମୁଣ୍ଡରୁ ଦୋଷ ଛଡାଇବାରେ ଲାଗିଥିବାବେଳେ ଓଡିଶାକୁ ଯେଉଁ ବଦନାମ ମୁଣ୍ଡାଇବାକୁ ପଡିଲା ସେଥିପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନନେଇ ସରକାର କାହିଁକି ୧୦ଦିନର ସମୟ ଗଡାଇଲେ ତାହା ସାଧାରଣରେ ଚ୍ର୍ଚ୍ଚାର ବିଷୟ ପାଲଟିଛି । ଏପଟେ ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ରାଜ୍ୟ ସରକାରଙ୍କ ଅପାରଗତା ଓ ବିଶ୍ୱରେ ଓଡିଶାର ସମ୍ମାନ ହାନି ହେଲା ବୋଲି କହି ସରକାରଙ୍କୁ ଘେରିଛନ୍ତି । ବାରବାଟୀ ଫ୍ଲଡ୍ ଲାଇଟ୍ ନଜଳିବା ଘଟଣାରେ ଶକ୍ତି ବିଭାଗ କୌଣସି ଅବହେଳା କରିନି ବୋଲି କହି ଶକ୍ତି ମନ୍ତ୍ରୀ କେଭି ସିଂହଦେଓ ନିଜ ବିଭାଗ ମୁଣ୍ଡରୁ ଦୋଷ ଛଡାଇ ସାରିଛନ୍ତି ।ସୂଚ୍ନା ଅନୁସାରେ, ବାରବାଟୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ନଜଳିବା ଯୋଗୁ ପ୍ରାୟ ୩୦ମିନିଟ୍ ଧରି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ବନ୍ଦ ରହିବା ଘଟଣା ଏବେ ରାଜନୀତିକ ମୋଡ ନେଇଛି। ଆନ୍ତର୍ଜାତିକ ହକି ମ୍ୟାଚ୍‌ର ସଫଳ ଆୟୋଜନ କରି ଓଡିଶା ଯେଉଁ ସୁନାମ ଅର୍ଜନ କରିଥିଲା ତାହା କେଉଁମାନଙ୍କ ଦାୟିତ୍ୱହୀନତାରୁ ଭାରତ–ଇଂଲଣ୍ଡ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ଅପଯଶର କାରଣ ପାଲଟିଲା ସେନେଇ ରାଜ୍ୟ ସରକାର ନିଜ ଆଡୁ ଖୋଳତାଡ ନକରିବା ସାଧାରଣରେ ଚ୍ର୍ଚ୍ଚାର ବିଷୟ ପାଲଟିଛି ।

## ଟେଲିଗ୍ରାମ ସାଇବର ଅପରାଧୀ ଝାଡଖଣ୍ଡରୁ ଗିରଫ



ଜୟପୁର,୧୦।୨(ପି.ଏନ): ଟେଲିଗ୍ରାମ ସାଇବର ଅପରାଧୀ ଝାଡଖଣ୍ଡରୁ ଗିରଫ । ଟେଲିଗ୍ରାମ ଆପ ମାଧ୍ୟମରେ ପ୍ରଲୋଭନ ଦେଖାଇ ଠକୁଥିଲା ଠକ । ଅଭିଯୁକ୍ତ ପଶ୍ଚିମବଙ୍ଗ ଅଫତାବ ଅଲ୍ଲୀକୁ ଗିରଫ କଲା କୋରାପୁଟ ସାଇବର ପୋଲିସ । ଝାଡ଼ଖଣ୍ଡର ସଂପର୍କୀୟଙ୍କ ଘରକୁ ଯାଇଥିବାବେଳେ ମୋବାଇଲକୁ ଟ୍ରାକ କରି ଗିରଫ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚ୍ନା ଦେଇଛନ୍ତି ଅତିରିକ୍ତ ଏସପି ମନୋବ୍ରତା ଶତପଥୀ । କୋରାପୁଟ ରେଲୱେ କଲୋନୀରେ ରହୁଥିବା ଭାରତ ଭୂଷଣ ବାର୍ଗେଙ୍କ ମୋବାଇଲକୁ ଟେଲିଗ୍ରାମ ଆପରୁ ଗୋଟିଏ ଲିଙ୍କ ଆସିଥିଲା । ତାକୁ କ୍ଲିକ କରିବାରୁ ଆପଲ ଭାକେସନ ନାମକ କମ୍ପାନୀ ତରଫରୁ ଟଙ୍କା ନିବେଶ କଲେ କମିଶନ ଦିଆଯିବ ବଲି ପ୍ରସ୍ତାବ ଦିଆ ଯାଇଥିଲା । ଏଥିରେ ସେ ପ୍ରଲୋଭିତ ହୋଇ ପ୍ରଥମେ ଅଳ୍ପ କିଛି ଟଙ୍କା ନିବେଶ କରି ୫ଶହରୁ ୮ଶହ ଟଙ୍କା କମିଶନ ପାଇଥିଲେ। ପରବର୍ତ୍ତୀ ସମୟରେ କମ୍ପାନୀ ଅଧିକ ନିବେଶ କରି ଅଧିକ କମିଶନ ପାଇବାକୁ ପ୍ରସ୍ତାବ ଦେଇଥିଲା । ତେବେ ୧୦ ହଜାର ଟଙ୍କା ନିବେଶ କରି ଆଉ ଫେରସ୍ତ ପାଇଲେନି ଭାରତ । କମ୍ପାନୀ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଆହୁରି ଟଙ୍କା ନିବେଶ କରିବାକୁ କୁହାଯାଇଥିଲା । ସେ ମଧ କମ୍ପାନୀ ଉପରେ ଭରସା କରି ବାରମ୍ବାର ଟଙ୍କା ନିବେଶ କରି ଚ୍ାଲିଲେ । କିନ୍ତୁ କିଛି କମିଶନ ନ ଆସିବାରୁ ଠକେଇର ଶିକାର ହୋଇଥିବା ଜାଣି କୋରାପୁଟ ସାଇବର ଥାନାରେ ନଭେମ୍ବର୧୧ ରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି କୋରାପୁଟ ସାଇବର ପୋଲିସ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ସମ୍ପୃକ୍ତ ଥିବା ଅପରାଧୀ ଅଫତାବ ଅଲ୍ଲୀର ମୋବାଇଲକୁ ଟ୍ରାକ କରି ଗିରଫ କରିବା ସହ ନଗଦ ୨ଲକ୍ଷ ଟଙ୍କା ସହ ଗୋଟିଏ ମୋବାଇଲ ଜବତ କରିଛି ସାଇବର ପୋଲିସ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚ୍ନା ଦେଇଛନ୍ତି ଅତିରିକ୍ତ ଏସପି ମନବ୍ରୋତା ଶତପଥୀ ।

## ଶିଳ୍ପପତିଙ୍କୁ ୭୩ ଥର ଛୁରୀ ଭୁଷି ମାରି ଦେଲା ନାତି ?





ଭୁବନେଶ୍ୱର,୧୦।୨(ପି.ଏନ): ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚ୍ଳିତ କରିବା ଭଳି ଘଟଣା। ୮୬ ବର୍ଷୀୟ ଶିଳ୍ପପତି ଭି ଚ୍ନ୍ଦ୍ରଶେଖର ଜନାର୍ଦ୍ଦନ ରାଓଙ୍କୁ ୩ ଦିନ ତଳେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଛି। ୪୬୦ କୋଟି ଟଙ୍କାର ଭେଲଜାନ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ହେଉଛନ୍ତି ଚ୍ନ୍ଦ୍ରଶେଖର। ହତ୍ୟା ଘଟଣାର ୩ ଦିନ ପରେ ପୁଲିସ୍ ଅର୍ଥାତ ରବିବାର ଦିନ ରାତିରେ ପୁଲିସ୍ ଚ୍ନ୍ଦ୍ରଶେଖରଙ୍କ ନାତି କିଲାରୁ କୀର୍ତ୍ତି ତେଜାଙ୍କୁ ଗିରଫ କରିଛି। ସେ ହିଁ ଚ୍ନ୍ଦ୍ରଶେଖରଙ୍କୁ ଘର ଭିତରେ ୭୩ ଥର ଛୁରୀ ଭୁଷି ହତ୍ୟା କରିଥିଲେ। ଏହା ପଛର କାରଣ ହେଲା ସମ୍ପତ୍ତିକୁ ନେଇ ଅଜା ଓ ନାତିଙ୍କ ମଧ୍ୟରେ ଥିବା ବିବାଦ।ଏଯାଏ ପୁଲିସ୍‌କୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିନାହିଁ। କିନ୍ତୁ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ହାଇଦ୍ରାବାଦ ଭିତ୍ତିକ ଶିଳ୍ପପତି ଚ୍ନ୍ଦ୍ରଶେଖରଙ୍କ ଦେହରେ ୭୦ରୁ ଅଧିକ କ୍ଷତ ଚ୍ହ୍ନ ରହିଛି। ଅଭିଯୁକ୍ତ ଜଣଙ୍କ ତାଙ୍କୁ ୭୦ରୁ ଅଧିକ ଥର ଛୁରୀ ଭୁଷି ହତ୍ୟା କରିଛି। ପୁଲିସ୍ ରବିବାର ତେଜାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ହତ୍ୟାରେ ବ୍ୟବହୃତ ଛୁରୀକୁ ଜବତ କରିଛି। ସମ୍ପତ୍ତି ପାଇଁ ତେଜା ନିଜ ଜନ୍ମ କଲା ମା' ସରୋଜିନୀଙ୍କୁ ବି ଛାଡି ନାହାନ୍ତି। ତେଜାଙ୍କ ଛୁରୀ ମାଡରେ ଆହତ ହୋଇ ସରୋଜିନୀ ଏବେ ହସ୍ପିଟାଲରେ ଚ୍କିତ୍ସିତ ହେଉଛନ୍ତି। ତାଙ୍କ ଦେହରେ ୪ଟି କ୍ଷତ ଚ୍ହ୍ନ ରହିଛି। ପଞ୍ଜାଗୁଟ୍ଟା ଇନସପେକ୍ଟର ବି ଶୋଭନ କହିଛନ୍ତି, "ଗୁରୁବାର ରାତି (ଫେବୃଆରୀ ୬) ୨୯ ବର୍ଷୀୟ ତେଜା ଓ ଚ୍ନ୍ଦ୍ରଶେଖରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରିବାର ଲୋକଙ୍କ ମଧ୍ୟରେ ଚ୍ନ୍ଦ୍ରଶେଖର ସମ୍ପତ୍ତି ଠିକ ଭାବେ ବାଣ୍ଟି ନଥିବାରୁ ତେଜା ପାଟିତୁଣ୍ଡ କରିଥିଲେ। ସମୟ ବଢ଼ିବା ସହ ଯୁକ୍ତିତର୍କ ମଧ୍ୟ ବଢ଼ିବାରେ ଲାଗିଥିଲା। ଏଥିରେ ରାଗି ଯାଇ ତେଜା ତାଙ୍କ ଅଜାଙ୍କୁ ଆକ୍ରମଣ କରିଥିଲେ।

## ବସ୍ ଡିପୋ ପଛରୁ ମିଳିଥିଲା କ୍ଷତାକ୍ତ ମୃତଦେହ, ପୁଲିସ୍ ଦେଲା ଭୟଙ୍କର ତଥ୍ୟ



ଭୁବନେଶ୍ୱର,୧୦।୨(ପି.ଏନ): ଫେବୃଆରୀ ୭ ତାରିଖରେ ଦିଲ୍ଲୀ ପୁଲିସ୍ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଥିଲା। ବାୱାନା ସ୍ଥିତ ଡିଟିସି ଡିପୋ ପଛରେ ଥିବା ଗୋଟିଏ ପୋଖରୀ ନିକଟରୁ ମୃତଦେହକୁ ଜବତ କରାଯାଇଥିଲା। ଏବେ ପୁଲିସ ଘଟଣାର ତଦନ୍ତ କରି ମୃତଦେହ ମିଳିବା ଘଟଣା ପଛରେ ଥିବା ଭୟଙ୍କର ତଥ୍ୟକୁ ସାର୍ବଜନୀନ କରିଛି। ପୁଲିସ୍‌ର କହିବା କଥା ଯେ ବ୍ୟକ୍ତି ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ ମଧ ଭର୍ତ୍ତି କରି ଦିଆଯାଇଛି। ପ୍ରଥମେ ଏହାକୁ ଏକ ସାଧାରଣ ହତ୍ୟା ଭାବେ ବିବେଚ୍ନା କରାଯାଉଥିଲା। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା। ପୀଡିତଙ୍କୁ ଭୟଙ୍କର ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ରିପୋର୍ଟ ମିଳିବା ପରେ ପୁଲିସ ତଦନ୍ତର ବେଗକୁ ଆହରୁ ତ୍ୱରାନ୍ୱିତ କରିଥିଲା। ପ୍ରଥମେ ମୃତବ୍ୟକ୍ତିଙ୍କ ନାଁ ମନୋଜ ବୋଲି ଜଣାପଡିଥିଲା।

## ଉତ୍ତମଙ୍କୁ ନେଇ ଆସିଲା ବଡ଼ ସୂଚ୍ନା, କିପରି ଅଛନ୍ତି ଅଭିନେତା

ଭୁବନେଶ୍ୱର,୧୦।୨(ପି.ଏନ): କିପରି ରହିଛି ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା। କାରଣ ଦୁଇ ଦିନ ହେବ ସେ ଦିଲ୍ଲୀ ଗୁରୁଗାଁର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ଅଧିକ ଉତ୍ତମ ଚ୍କିତ୍ସା ପାଇଁ ଭୁବନେଶ୍ୱରରୁ ତାଙ୍କୁ ଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇଥିଲା ।ହେଲେ ଏବେ କିପରି ରହିଛି ତାଙ୍କ ସ୍ୱାସ୍ଥ୍ୟବସ୍ଥା। ସ୍ୱାସ୍ଥ୍ୟରେ କିଛି ସୁଧାର ଆସିଛି। ନା ଅଧିକ ବିଗିଡିଛି। କାରଣ ସେ ଅତ୍ୟନ୍ତ ଗୁରୁତର ଥିଲେ। ଆଉ ତାଙ୍କୁ ଦିଲ୍ଲୀ ନେବା ସମୟରେ ସାଙ୍ଗରେ ଥିଲେ ପୁଅ ବାବୁଶାନ ଓ ବୋହୂ ତୃପ୍ତି ।ଉତ୍ତମଙ୍କ ଅବସ୍ଥା: ଯଦି ଦେଖିବା ଏବେ ଯାଏଁ ଯାହା ସୂଚ୍ନା ଆସିଛି କି ଉତ୍ତମଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଭୁବନେଶ୍ୱରରୁ ଦିଲ୍ଲୀ ସ୍ଥାନାନ୍ତର ହେବା ସମୟରେ ସ୍ୱାସ୍ଥ୍ୟବସ୍ଥା ଯେପରି ବିଗିଡ଼ି ଚ୍ାଲିଥିଲା। ଏବେ ସେପରି କୌଣସି ପରିସ୍ଥିତି ନାହିଁ ।ତାଙ୍କ ଦେହ ଅଧିକ ଖରାପ ଆଡକୁ ଗତି କରିନାହିଁ। କି ଭଲ କଣ୍ଡିସନରେ ବି ନାହାନ୍ତି। ଯାହା ଜଣା ପଡିଛି ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଆଶା କରାଯାଉଛି ସେ ଖୁବଶୀଘ୍ର ଭଲ ହୋଇ ଘରକୁ ଫେରିବେ। ଆଉ ଅଧା ରହିଯାଇଥିବା ଫୁଲ୍ମ ସୁଟିଂକୁ ପୁରା କରିବେ ।ଲିଭର ସିରୋସିସରେ ପୀଡ଼ିତ: ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଚ୍ାଲିଛି ଉତ୍ତମ ମହାନ୍ତିଙ୍କ ଚ୍କିତ୍ସା। ସେ ଲିଭର ସିରୋସିସ୍ ରେ ପୀଡିତ ଅଛନ୍ତି। ସେଥିପାଇଁ ସେ ନିୟମିତ ଭାବରେ ହସ୍ପିଟାଲକୁ ଚ୍କିତ୍ସା ପାଇଁ ଯାଆନ୍ତି ।ହେଲେ ଏଥର ଦୀର୍ଘ ବର୍ଷ ପରେ ସେ ଏକ ଫିଲ୍ମ ସୁଟିଂ କରୁଥିଲେ। ଯେଉଁଥିରେ ସହ କଳାକାର ଥିଲେ ସ୍ତ୍ରୀ ଅପରାଜିତା ମହାନ୍ତି ଓ ପୁଅ ବାବୁଶାନ ମହାନ୍ତି। ସୁଟିଂ ସେଟରେ ହଠାତ୍ ତାଙ୍କ ଦେହ ଖରାପ ହୋଇଯାଇଥିଲା।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୦ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ

## ବଜେଟରେ ଓଡ଼ିଶାକୁ ଅବହେଳା ନେଇ ସାଂସଦ ମାନସ ମଙ୍ଗରାଜଙ୍କ ସମାଲୋଚ୍ନା

ନୂଆଦିଲ୍ଲୀ,୧୦।୨(ପି.ଏନ): ଆମ ଓଡ଼ିଆରେ କଥାଟିଏ ଅଛି, କହି ଜାଣିଲେ କଥା ସୁନ୍ଦର। ଯାହାର ଅର୍ଥ ହେଉଛି ବନେଇ ଚୁନେଇ କହି ପାରିଲେ ଅତ୍ୟନ୍ତ ଗୌଣ ଓ ଗୁରୁତ୍ୱହୀନ କଥା ବି ଲୋକାଦୃତ ହୋଇ ପାରିବ । ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପନ କରିଥିବା ୨୦୨୫–୨୬ ବଜେଟ୍ ? ସେହିପରି ଅନେକ ଗୌଣ ଓ ଗୁରୁତ୍ୱହୀନ କଥାର ସମାହାର। ୨୦୨୫–୨୬ ବଜେଟ ଆଲୋଚ୍ନାରେ ଭାଗ ନେଇ ବିଜେଡି ସାଂସଦ ମାନସ ମଙ୍ଗରାଜ କେନ୍ଦ୍ର ସରକାରଙ୍କୁ ଏଭଳି ସମାଲୋଚ୍ନା କରିଛନ୍ତି । ଏହି ବଜେଟ୍‌କୁ ଦେଶର ବଜେଟ ବୋଲି କୁହାଯିବା ପରିବର୍ତ୍ତେ ବିହାର ବଜେଟ ବୋଲି କହିବାରେ ଆଦୌ ଅସଙ୍ଗତି ନାହିଁ । ଅର୍ଥମନ୍ତ୍ରୀ ସମ୍ଭବତଃ ବିହାର ବ୍ୟତୀତ ଦେଶରେ ଆହୁରି ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଥିବା କଥା ଭୁଲି ଯାଇଛନ୍ତି । କେଉଁ ରାଜ୍ୟକୁ ସ୍ୱତନ୍ତ୍ର ଅନୁଦାନ ଓ ସହାୟତା ଦେବାକୁ ଆମେ ବିରୋଧ କରୁନାହୁଁ । ମାତ୍ର ସଂଘୀୟ ବ୍ୟବସ୍ଥା ଅନୁସାରେ ଓଡ଼ିଶା ପରି ଅନ୍ୟ ରାଜ୍ୟଗୁଡ଼ିକ ମଧ ଏଥିପାଇଁ ସମାନ ଭାବରେ ହକ୍‌ଦାର ବୋଲି କହିଛନ୍ତି ମାନସ ମଙ୍ଗରାଜ। ଅର୍ଥମନ୍ତ୍ରୀ ତାଙ୍କର ୭୭ ମିନିଟ୍‌ର ଅଭିଭାଷଣରେ ୩ ମିନିଟ୍ କେବଳ ବିହାର କଥା କହିଛନ୍ତି । ୯ଥର ବିହାର ନାମ ଉଚ୍ଚାରଣ କରିଛନ୍ତି । ମାତ୍ର ଓଡ଼ିଶା, ପଶ୍ଚିମବଙ୍ଗ, ତେଲଙ୍ଗାନା, ତାମିଲନାଡୁ, କେରଳ, ମହାରାଷ୍ଟ୍ର ପରି ଅନ୍ୟ ରାଜ୍ୟଗୁଡ଼ିକ କ'ଣ ଭାରତ ଭିତରେ ନାହାନ୍ତି । ୬ ମାସ ତଳେ ୨୦୨୪ ବଜେଟ୍‌ରେ ବିହାର ପାଇଁ ୫୯୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଦିଆଗଲା। ଆନ୍ଧ୍ରପ୍ରଦେଶକୁ ପୋଲାଭରମ୍ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଦିଆଗଲା । ମାତ୍ର ଓଡ଼ିଶାକୁ ସେତେବେଳେ କିଛି ମିଳିଲା ନାହିଁ, ଏବେ ବି ବଜେଟ୍‌ରେ ଓଡ଼ିଶା ପାଇଁ କିଛି ଘୋଷଣା କରାଗଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ବିପର୍ଯ୍ୟୟପ୍ରବଣ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପାହ୍ୟା ପାଇଁ ଦାବି କରି ଆସୁଛି। ମାତ୍ର ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା କି ସ୍ୱତନ୍ତ୍ର ସହାୟତା ମିଳୁନାହିଁ। ଓଡ଼ିଶାର ଖଣିଜ ସମ୍ପଦରୁ ସଂଗୃହୀତ ରାଜସ୍ୱ ଅନ୍ୟ ରାଜ୍ୟରେ ଖର୍ଚ୍ଚ ହେଉଛି। ଓଡ଼ିଶା କୋଇଲା ସାରା ଦେଶକୁ ଆଲୁଅ ଯୋଗାଉଛି। ମାତ୍ର ଗ୍ରୀନ୍ ସେସ୍‌ରୁ କେନ୍ଦ୍ର ସରକାର ବର୍ଷକୁ ଓଡ଼ିଶାରୁ ୧୦ ହଜାର କୋଟି ସଂଗ୍ରହ କରୁଥିଲେ ବି କୋଇଲା ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଫଟା ପାହୁଲାଟିଏ ଦେଉ ନାହାନ୍ତି। କେନ୍ଦ୍ରୀୟ ବଜେଟରେ କୃଷି ଉତ୍ପାଦନ, ଲୋକଙ୍କ ଆୟ ବୃଦ୍ଧି, ଗ୍ରାମାଞ୍ଚଳରେ ନିଯୁକ୍ତି, ପୁଷ୍ଟିକର ସହାୟତା ବିସ୍ତାର, ମୁଦ୍ରାସ୍ଫୀତି ଚ୍ାପ ହ୍ରାସ, କୃଷକଙ୍କ ଋଣଭାର ଲାଘବ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫସଲର ସର୍ବନିମ୍ନ ସହାୟକ ଦର ପାଇଁ ଆଇନ କରିବାକୁ ଦେଶର କୃଷକମାନେ କରୁଥିବା ଦାବି ସମ୍ପର୍କରେ ସରକାର ରହସ୍ୟମୟ ଭାବେ ନିରବ। କୃଷି ପାଇଁ ଥିବା କେସିସିର ବ୍ୟକ୍ତିଗତ ଋଣ ସୀମାକୁ ୩ରୁ ୫ଲକ୍ଷ ଟଙ୍କାକୁ ଯେଉଁ ବୃଦ୍ଧି ଘୋଷଣା ହୋଇଛି। ତାହା ମୂଳତଃ କର୍ପୋରେଟ୍ କ୍ଷେତ୍ର ଦ୍ୱାରା ମହଙ୍ଗା ସାମଗ୍ରୀ ବିକ୍ରୟକୁ ବଜାୟ ରଖିବା ନିମନ୍ତେ ଉଦ୍ଦିଷ୍ଟ। ଏହା ଆର୍ଥିକ ଅଭିବୃଦ୍ଧିକୁ ପୁନରୁଦ୍ଧାର କରି ପାରିବ ନାହିଁ ବୋଲି କହିଛନ୍ତି ମାନସ। ଏହାସହ ଗ୍ରାମୀଣ ବିକାଶ ବରାଦ ଗତବର୍ଷ ତୁଳନାରେ ମାତ୍ର ୧ କୋଟି ଟଙ୍କା ବୃଦ୍ଧି କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ବୃଦ୍ଧି ମାତ୍ର ୨୦ ହଜାର କୋଟି। ସବୁଠାରୁ ବିଡ଼ମ୍ବନା ହେଉଛି ଖାଦ୍ୟ ସବସିଡି ପାଇଁ ଗତ ବଜେଟରେ ୨.୦୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ, ଚ୍ଳିତବର୍ଷ ୨.୦୩ ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଛି। ଏହି ବଜେଟ୍ ଦେଶବାସୀଙ୍କୁ କିପରି ଲାଭାନ୍ୱିତ କରିପାରିବ ଦେଶର କୋଟି କୋଟି ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ମାସିକ ଭତ୍ତାରେ କେନ୍ଦ୍ର ସରକାରଙ୍କ ଭାଗ ୨୦୦୬ ମସିହାରୁ ମାତ୍ର ୨୦୦ ଟଙ୍କା ରହିଥିବା ବେଳେ, ଚ୍ଳିତ ବଜେଟରେ ବି ସେଥିରେ କୌଣସି ବୃଦ୍ଧି ନ କରିବା କ୍ଷୋଭର ବିଷୟ। ସରକାର ପାଞ୍ଚ ଟ୍ରିଲିୟନ ଅର୍ଥନୀତିର ଗୋଲାପୀ ସ୍ୱପ୍ନ ଦେଖାଉଥିବା ବେଳେ, ଟଙ୍କାର ମୂଲ୍ୟ ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଛି । ସ୍ୱାଧୀନତା ସମୟରେ ଡ଼ଲାର ଓ ଟଙ୍କାର ମୂଲ୍ୟ ପ୍ରାୟ ସମାନ ଥିଲା, ଏବେ ୧ ଡଲାରର ବିନିମୟ ମୂଲ୍ୟ ୮୮ ଟଙ୍କା ଛୁଇଁଲାଣି। ସୁଖୀ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ତଳକୁ ତଳ ଖସି ଚ୍ାଲିଛି। ଭାରତୀୟ ପାସପୋର୍ଟ ବର୍ଷକୁ ବର୍ଷ ଦୁର୍ବଳ ହୋଇ ଚ୍ାଲିଛି । ଏହା କି ପ୍ରକାର ଅଭିବୃଦ୍ଧି ଅର୍ଥମନ୍ତ୍ରୀ ୧୨ ଲକ୍ଷ ଟଙ୍କା ଯାଏ ଆୟକାରୀଙ୍କୁ ଟିକସରୁ ମୁକ୍ତ କରିଥିବା ଘୋଷଣା କରିଛନ୍ତି । ମାତ୍ର ଯେଉଁଠି ବେକାରଙ୍କ ପାଇଁ ଚ୍ାକିରି ଏକ ମରୀଚ୍ିକା, ସେଠାରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କେବଳ କାନକୁ ଭଲ ଶୁଭୁଛି ସିନା, ଏହା ଯୁବ ବର୍ଗଙ୍କୁ କିଛି ଲାଭ ଦେଇ ପାରିବ ନାହିଁ ବୋଲି କହିଛନ୍ତି ମାନସ ମଙ୍ଗରାଜ ।








## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧୧

# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି

ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି । ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା । ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ । ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ । ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି । ପ୍ରତିଦିନ ୬ରୁ ୮ ଘଣ୍ଟା ଶୋଇବା ଭଲ । ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ । ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ । ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ । ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ । ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ । ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ । ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ । ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ । ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ । ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ । ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ । ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ । ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ । ଅମକ ଡିଭିଜନ ପାଇଲେ ବା ଅମକ ର୍ୟାଙ୍କ ପାଇଲେ



ଡ଼ଃ.ଅରୁନ୍ଧତୀ ଦେବୀ

ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ । ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ । ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି । ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ । ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ । ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ । ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ । ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ । ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି । ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ । ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି ।

*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*

# ବିକଶିତ ଗାଁ -ବିକଶିତ ଓଡିଶା

ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଥିଲା ଗାଁ' ବିକାଶ । ଏହା ନିସନ୍ଦେହ ଯେ, ଗାଁ'ର ବିକାଶ ବିନା ଦେଶର ବିକାଶ ଅସମ୍ଭବ । ଦେଶ ସ୍ୱାଧୀନ ହେବାର ୭୭ବର୍ଷ ଅତିକ୍ରମ କରିଥିଲେ, ଏହି ଲକ୍ଷ୍ୟ ଏବେ ବି ବହୁ ଦୂରରେ । ଅବଶ୍ୟ ଗ୍ରାମାଚଂଳର ବିକାଶ ଲାଗି ଏ ପର୍ଯ୍ୟନ୍ତ କେହି ଉଦ୍ୟମ କରିନାହାଁନ୍ତି, ଏଥିରେ କୌଣସି ଯୌକ୍ତିକତା ନାହିଁ ବୋଲି କୁହାଯାଇପାରେ । ଏଇଥିପାଇଁ ଲୋକେ ଗାଁ ଛାଡି ସହରମୁହାଁ । ଆମ ଦେଶରେ ୬୫ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟ ୮୫ ପ୍ରତିଶତ ଗ୍ରାମ ରହିଛି । କହିବା ବାହୁଲ୍ୟ ଯେ, ଗାଁରେ ସ୍ୱାସ୍ଥ୍ୟ ସେବା ପାଇଁ ଭଲ ହସ୍‌ପିଟାଲଟିଏ ନାହିଁ ଭଲ ପାଠାଗାରଟିଏ ନାହିଁ । ସେହିପରି ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ଅବସର ବିନୋଦନ ପାଇଁ ଭଲ ପାଠାଗାରଟିଏ ନାହିଁ । ରାସ୍ତାଘାଟ ଠାରୁ ଆରମ୍ଭ କରି ସବୁ କିଛି ଅବିକଶିତ ଅବସ୍ଥାରେ ରହିଛି । ସ୍ୱାସ୍ଥ୍ୟ, ଶିକ୍ଷାଠାରୁ ଆରମ୍ଭ କାମଧନ୍ଦା ଚାକିରି ପାଇଁ ଗାଁ ଛାଡି ଛାତ୍ରଛାତ୍ରୀ, ଯୁବକ, ଶ୍ରମିକ ସମସ୍ତେ ଗାଁ ମୁହାଁ ହୋଇଛନ୍ତି । ରାଜ୍ୟ ସରକାର ଏବେ ଗାଁର ବିକାଶ ପାଇଁ ଫୋକସ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିପଟ ମଫସଲ ଗାଁ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆରେ ବିକଶିତ ଗାଁ, ବିକଶିତ ଓଡିଶାର ଯୋଜନାର ଶୁଭାରମ୍ଭ କରିଛନ୍ତି । ଶୁଭାରମ୍ଭ ସମାବେଶରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ୬୦ହଜାର ଗ୍ରାମରେ ବିକାଶର ଗଙ୍ଗା ପ୍ରବାହିତ ହେବ । ଏଥିଲାଗି ବାର୍ଷିକ ୧୦୦୦ କୋଟି ଟଙ୍କା ବ୍ୟୟ ହେବ । ଏଥିଲାଗି ପାଂଚ ବର୍ଷରେ ୫୦୦୦ କୋଟି ଟଙ୍କା ବ୍ୟୟ ହେବ । ଗାଁ ବିକାଶର ଇଞ୍ଜିନ ହେବ । ଗାଁର ରାସ୍ତାଘାଟ ସହ ସ୍ୱାସ୍ଥ୍ୟ ସେବା, ଗୋଷ୍ଠୀ ସମ୍ପତି, ଉପାସନା ପୀଠ, କ୍ରୀଡା ଭିତିଭୂମି, ଲୁକାୟିତ ଅବସ୍ଥାରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି । ସେହିପରି ସର୍ବସାଧାରଣ ବ୍ୟବହାର ଉପଯୋଗୀ ସ୍ଥାନ, କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ଗାଧୁଆ ଘାଟର ଉନ୍ନତି, ପରିଧାନ ପରିବର୍ତନ ପ୍ରକୋଷ୍ଟ, ମାର୍କେଟସେଡ, ପୂଜାପାଠ ସ୍ଥାନ, ତୀର୍ଥ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧାର ବିକାଶ, ଭୋଗମଣ୍ଡପ, ଭାଗବତ ଟୁଙ୍ଗି ଆଦିର ଉନ୍ନତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କରାଯିବ । ପ୍ରତ୍ୟେକ ପ୍ରକଳ୍ପ ପାଇଁ ୩ଲକ୍ଷ ଟଙ୍କା ବ୍ୟୟ ହେବ । ଗ୍ରାମସଭାକୁ ଗାଁ ବିକାଶର ଦାୟିତ୍ୱ ଦିଆଯିବ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଗ୍ରାମସଭା ଜରିଆରେ ବିକାଶର ନିଷ୍ପତି ନିଆଯିବ । କହିବା ବାହୁଲ୍ୟଯେ, ଗ୍ରାମସଭା କାହିଁ କେଉଁ ପୁରାକାଳରୁ ରହିଆସିଛି । ଗ୍ରାମସଭା ହେଉଛି, ଭାରତୀୟ ଗଣତନ୍ତ୍ରର ଜନ୍ମ ସ୍ଥାନ । ଗ୍ରାମରେ ଶାନ୍ତି ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ନିଷ୍ପତି ନେଇଥାଏ । ଏବେ ଗ୍ରାମସଭାକୁ ତ୍ୱରାନ୍ୱିତ କରି ଗ୍ରାମର ବିକାଶ ଦାୟିତ୍ୱ ଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି କ୍ଷମତାସୀନ ଥିବା ନବୀନ ସରକାର ଗାଁ ଗହଳିରେ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିଥିଲେ । ରାସ୍ତାଘାଟ ଠାରୁ ଆରମ୍ଭ କରି ବିଦ୍ୟାଳୟ, ଦେବାଳୟ, ଧାର୍ମିକ ପୀଠ, ପୋଖରୀ, ନାଳ, ଗାଡିଆ, ଗାଧେଇବା ଘାଟ ଆଦିର ପୁନରୁଦ୍ଧାର କରିଥିଲେ । ଏଥିଲାଗି ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବ୍ୟୟ ହୋଇଥିଲା । କିନ୍ତୁ ଏହା ନିସନ୍ଦେହ ଯେ, ପ୍ରକଳ୍ପର ଅର୍ଥ ବାଟମାରଣା ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗର ସୁଅ ଛୁଟିଥିଲା । ନିମ୍ନମାନର କାମ ଯୋଗୁଁ ବର୍ଷେ ଦୁଇବର୍ଷ ପରେ ସେସବୁର ଅବସ୍ଥା ଶୋଚନୀୟ ହୋଇପଡିଥିଲା । ତେବେ ଦୁର୍ନୀତି ଅଭିଯୋଗକୁ ନା ପ୍ରଶାସନ ନା ସରକାର କେହି ଗୁରୁତ୍ୱ ଦେଇନଥିଲେ । ପରିଣତି ସ୍ୱରୁପ ଅର୍ଥ କେବଳ ବାଟମାରଣା ହୋଇ ଥିଲା ବୋଲି ଏବେ ବି ଅଭିଯୋଗ ହେଉଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ୟାପକ ହରିଲୁଟ ଯୋଗୁଁ ବହୁ ପ୍ରକଳ୍ପ ଏବେ ବି ଅଧପନ୍ତରିଆ ହୋଇ ପଡିରହିଛି । ଆହୁରି ମଧ୍ୟ ରାଜ୍ୟ ସରକାର ପଲ୍ଲୀସଭା ଗଠନ କରିଥିଲେ । ପଲ୍ଲୀସଭା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ନିଷ୍ପତି ନେଉଥିଲା । କିନ୍ତୁ ଦୁଃଖର କଥା, ଶେଷରେ ବହୁ ଗ୍ରାମରେ ପଲ୍ଲୀସଭା କେବଳ ରଣକ୍ଷେତ୍ରରେ ପରିଣତ ହେବା ସାର ହୋଇଥିଲା । ବର୍ତମାନର ରାଜ୍ୟ ସରକାର ଗାଁର ବିକାଶ ପାଇଁ ବିକଶିତ ଗାଁ-ବିକଶିତ ଭାବେ ସ୍ୱାଗତଯୋଗ୍ୟ । ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଲେ, ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ସାକାର ରୂପ ନେବ, ଏହା ନିସନ୍ଦେହ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଭାରତୀୟ ସନାତନୀ ସଂସ୍କୃତି ଓ ପବିତ୍ର କୁମ୍ଭମେଳା

'ମାଘ ମକରଗତ ରବି ଜବ ହଇ /
ତୀରଥପତି ହି ଅବ ସବ କୋଇ /
ଦେବଦନ୍ତୁଜ କିନ୍ନର ନରଶ୍ରେଣୀ /
ସାଦର ମଜ୍ଜ ହି ସକଲ ତ୍ରିବେଣୀ ।'

ଡକ୍ଟର ସୁରେଶ କୁମାର ନାୟକ

ଆମ ମହାନ ଭାରତୀୟ ସନାତନ ଧର୍ମୀୟ ପରମ୍ପରାରେ କୁମ୍ଭମେଳା ବେଶ ମହତ୍ୱପୂର୍ଣ୍ଣ । ପରମ୍ପରା ଓ ରୀତିନୀତି ଅନୁଯାୟୀ ପର୍ଯ୍ୟାୟକ୍ରମେ ଭାରତର ହରିଦ୍ୱାର, ପ୍ରୟାଗ, ଉଜ୍ଜୟନୀ ଓ ନାସିକରେ ଏହି ପବିତ୍ର କୁମ୍ଭମେଳା ଆୟୋଜିତ ହୋଇଥାଏ । ସବୁଠାରୁ ବଡ଼କଥା ହେଉଛି ବିଶ୍ୱର ଏ ସର୍ବବୃହତ୍ ଶାନ୍ତିପୂର୍ଣ୍ଣ ଉତ୍ସବରେ ଭାରତର ସନାତନ ଧର୍ମ ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳେ । ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ବୁଡ଼ ପକାଇଲେ ପାପ ମୋଚନ ତଥା ପୂଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଛି । ଆମେ କୁମ୍ଭମେଳାର ଉତ୍ସବ ଭାବେ ବିଷ୍ଣୁ ପୁରାଣ ଓ ସ୍କନ୍ଦ ପୁରାଣରେ ଅନେକ ପୌରାଣିକ ଆଖ୍ୟାନମାନ ଦେଖିବାକୁ ପାଉ । ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ମିଳନସ୍ଥଳକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ଆମ ହିନ୍ଦୁ ଶାସ୍ତ୍ରରେ ଆଧ୍ୟାତ୍ମିକ, ସଂସ୍କୃତି ଓ ପରମ୍ପରା ଏବଂ ବିଶ୍ୱାସ ଭାବାବେଗର ସମାବେଶ ହେଉଛି ମହାକୁମ୍ଭ । ଆମ ପୁରାଣ ଶାସ୍ତ୍ରରେ ପରମ୍ପରାକୁ ଭିତ୍ତି କରି ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ କୁମ୍ଭମେଳା ମୁଖ୍ୟତଃ ଗ୍ରହ ମାନଙ୍କ ସ୍ଥିତିକୁ ଦେଖି ଆୟୋଜିତ ହୋଇଥାଏ । ପ୍ରତ୍ୟେକ କୁମ୍ଭମେଳାର ନିଜସ୍ୱ ବିଶେଷତ୍ୱ ରହିଛି । ହିନ୍ଦୁ ଧର୍ମର ଗ୍ରନ୍ଥରେ କୁମ୍ଭମେଳାକୁ ଅମରତ୍ୱର ମେଳା ମଧ୍ୟ କୁହାଯାଏ ।

ପ୍ରୟାଗରାଜର ମହାକୁମ୍ଭମେଳା ଭାରତର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ, ଗଭୀର ଆଧ୍ୟାତ୍ମବାଦ ଏବଂ ଅପୂର୍ବ ସଂଗଠନାତ୍ମକ କ୍ଷମତାର ଏକ ଶାଶ୍ୱତ ପ୍ରତୀକ । ପୌରଣିକ ଆଧାରରୁ ଆରମ୍ଭ କରି ଆଧୁନିକ ଆୟୋଜନ ପର୍ଯ୍ୟନ୍ତ ଏହି ଉତ୍ସବ ଏକ ବିଶ୍ୱସ୍ତରୀୟ ମେଳାର ରୂପ ଧାରଣ କରିସାରିଛି । ବହୁ ଆହ୍ୱାନ ସତ୍ତ୍ୱେ ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟ ଶ୍ରଦ୍ଧା, ଭକ୍ତି ଏବଂ ଏକତାର ଭାବନାକୁ ପ୍ରେରିତ କରୁଛି । ବିଶ୍ୱାସ



ଡକ୍ଟର ସୁରେଶ କୁମାର ନାୟକ

କରାଯାଉଛି ସମୁଦ୍ର ମନ୍ଥନ କାଳରେ ଯେଉଁ ସଂଯୋଗ ପଡ଼ିଥଲା ବର୍ତ୍ତମାନ ସେହି ସଂଯୋଗ ଆସିଛି । ଅର୍ଦ୍ଧକୁମ୍ଭ, ପୂର୍ଣ୍ଣକୁମ୍ଭ ଏବଂ ମହାକୁମ୍ଭ ମେଳାକୁ ନେଇ ରହିଛି ବିଭିନ୍ନ ଜନଶ୍ରୁତି, କିମ୍ବଦନ୍ତୀ ଏବଂ ଇତିହାସ ଯେଉଁଗୁଡ଼ିକ ସମୟ କ୍ରମେ ସାଧାରଣ ଲୋକଙ୍କ ଧାର୍ମିକ ବିଶ୍ୱାସରେ ମିଶି ଯାଇଛି । ସନ୍ଥ ତୁଳସୀ ଦାସ ତାଙ୍କ ରଚିତ ରାମାୟଣରେ ଉଲ୍ଲେଖ କରିଯାଇଛନ୍ତି, 'ମାଘ ମକରଗତ ରବି ଜବ ହଇ / ତୀରଥପତି ହି ଅବ ସବ କୋଇ / ଦେବଦନ୍ତୁଜ କିନ୍ନର ନରଶ୍ରେଣୀ / ସାଦର ମଜ୍ଜ ହି ସକଲ ତ୍ରିବେଣୀ ।' ଅର୍ଥାତ୍ ମାଘ ମାସରେ ସୂର୍ଯ୍ୟ ଯେବେ ମକର ରାଶିରେ ପ୍ରବେଶ କରନ୍ତି, ଦଳ ଦଳ ହୋଇ ଭକ୍ତଗଣ ତୀର୍ଥରାଜ ପ୍ରୟାଗ ଅଭିମୁଖେ ଯାତ୍ରା କରନ୍ତି । ସେହି ପୁଣ୍ୟଲଗ୍ନରେ ଦେବତା, ଦାନବ, କିନ୍ନର, ମାନବ ସମସ୍ତେ ପରମ ଶ୍ରଦ୍ଧାରେ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନର ଆନନ୍ଦ ଲାଭ କରନ୍ତି । ବାଲ୍ମିକୀ ରାମାୟଣରେ ଏହି ତଥ୍ୟ ଯଦିଓ ଉଲ୍ଲେଖ ନାହିଁ । କିନ୍ତୁ ଇତିହାସ ପୃଷ୍ଠା ଅବଲୋକନ କଲେ ଆକବରଙ୍କ ଶାସନ କାଳରେ ତୁଳସୀ ଦାସ ମଧ୍ୟ ଅସ୍ୱୀକାର କରିପାରିନାହାନ୍ତି ମାଘ ମେଳାର ଐତିହ୍ୟ । ତ୍ରିବେଣୀ ସଙ୍ଗମର ଏହି ମେଳା ହିଁ ନିର୍ଦ୍ଦିଷ୍ଟ ସମୟାନ୍ତରରେ କୁମ୍ଭ, ଅର୍ଦ୍ଧ କୁମ୍ଭ, ପୂର୍ଣ୍ଣକୁମ୍ଭ ଏବଂ ମହାକୁମ୍ଭରେ ନାମିତ ହୋଇଛି । କୁହାଯାଏ ପ୍ରୟାଗରାଜର ଏହି ମେଳା ହିଁ ଦେଶର ସର୍ବ ପୁରାତନ ଧର୍ମୀୟ ମେଳା । ଆମ ଭାରତର ମହାନ ସଂସ୍କୃତିରେ ଏପରି ଏକ ଆୟୋଜନ ଯାହା ଆସ୍ଥା, ପରମ୍ପରା ଓ ଆଧ୍ୟାତ୍ମିକତାର ପ୍ରତୀକ । ବସୁଧୈବକ କୁଟୁମ୍ବକମ୍ ପରି ସନାତନୀ ମୂଲ୍ୟବୋଧ, ବିଶ୍ୱପ୍ରେମ, ସମାନତା, ମୂଲ୍ୟବୋଧ, ଭାତୃତ୍ୱବାଦ, ଆଦର୍ଶ ସବୁର ମାର୍ମିକ ପ୍ରତିଫଳନ ହେଉଛି ଏହି କୁମ୍ଭମେଳା । ଭାରତର ସନାତନ ସଂସ୍କୃତିର ମହାନ ଉଦ୍‌ଘୋଷଣ ଭିତରେ ଶୈବ ହୁଅନ୍ତୁ କି ବୈଷ୍ଣବ, ଶାକ୍ତ ହୁଅନ୍ତୁ ବା ଶିଖ୍ ଧର୍ମାବଲମ୍ବୀ । ପ୍ରତ୍ୟେକ ସାଧନା ଧାରାର ସାଧୁ, ସନ୍ଥ, ଯୋଗୀ, ମହାଯୋଗୀ, ଶ୍ରଦ୍ଧାଳୁ ଓ ଜିଜ୍ଞାସୁମାନଙ୍କର ଆଲୋକିତ ମିଳନ ସ୍ଥଳୀ ଏ କୁମ୍ଭ, ମହାକୁମ୍ଭମେଳା ସବୁ । ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ ଯାହା ଆମକୁ ବିଶ୍ୱାସର ଶକ୍ତି, ସାଂସ୍କୃତିକ ସଂରକ୍ଷଣର ମହତ୍ୱ ଓ ମାନବିକତାର ମନ୍ତ୍ର ଶିଖାଇଥାଏ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ପରୀକ୍ଷା ପାଇଁ ଲାଗିଥିବା ପିଲାର ଚାପକୁ ବୁଝନ୍ତୁ

ବାପା, ମା'ମାନେ ଥରେ ଧ୍ୟାନ ଦିଅନ୍ତୁ । ଆପଣଙ୍କ ପିଲା ଯଦି କହୁଛି, ମୋତେ ଭାରି ନର୍ଭସ୍ ଲାଗିଲାଣି ବା ଏଥର ପରୀକ୍ଷାରେ କଷ୍ଟ ପ୍ରଶ୍ନ ଆସିଲା ଭଳି ଲାଗୁଛି କିମ୍ବା ଆଉ ମାସ ଏତିକି ବେଳକୁ ମୁଁ ପରୀକ୍ଷା ହଲ୍‌ରେ ବସିଥିବି ବା ଏମିତି କିଛି, ତେବେ ଆପଣମାନେ ପିଲାର ପରିସ୍ଥିତିକୁ ଟିକିଏ ଗମ୍ଭୀରତାର ସହ ବିଚାର କରନ୍ତୁ । ପିଲାଟି ଉପରେ ପରୀକ୍ଷାର ଚାପ ମାଡ଼ି ବସିବା ଆରମ୍ଭ କଲାଣି ବୋଲି ଜାଣନ୍ତୁ । ପିଲା ଉପରେ ଯଦି ପରୀକ୍ଷାର ଚାପ ମାଡ଼ି ବସେ ତେବେ ତାର ପରୀକ୍ଷାର ଖରାପ ହେବାର ଆଶା ଅଧିକ । ଯଦିଓ, ଏମିତି ବି ପିଲା ଅଛନ୍ତି, ଯେଉଁମାନେ କି ଚାପରେ ରହିଲେ ପରୀକ୍ଷାରେ ଭଲ କରନ୍ତି ।

ମନୋବୈଜ୍ଞାନିକମାନଙ୍କ ମତରେ ପରୀକ୍ଷାର ଚାପ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ହେଲା ଦୀର୍ଘ କାଳୀନ ଚାପ । ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ବେଳକୁ ପିଲାଟି ଏହି ଚାପ ଭୋଗେ । ଆଉ ଏକ ଚାପ ପରୀକ୍ଷା ଦିନରୁ ହିଁ ଆରମ୍ଭ ହୁଏ । ଅନେକ ଡାକ୍ତରୀ ପରୀକ୍ଷା ଏହା ପ୍ରମାଣ କରିସାରିଲାଣି ଯେ ପରୀକ୍ଷା ଜନିତ ଚାପ ଯୋଗୁ ପିଲାଟିର ଶରୀରରେ ସାଲିଭାରି ଏସ୍ ଇମୁନୋଗ୍ଲୋବିନ୍‌ଏ ବା ଏସ୍‌ଏଲ୍‌ଜିଏ ନାମକ ଏକ 'ଆଣ୍ଟିବଡ଼ି' କମିଯାଏ । ଏହି ଆଣ୍ଟିବଡ଼ି ଶରୀରକୁ ବିଭିନ୍ନ ରୋଗ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ । ସେଥିପାଇଁ ଅନେକ ସ୍ଥଳରେ ଦେଖାଯାଏ ଯେ ପରୀକ୍ଷା ସମୟରେ ହିଁ ପିଲାମାନେ ରୋଗ ସଂକ୍ରମଣର ଅଧିକ ଶିକାର ହୋଇଥାନ୍ତି । ମନୋବିଜ୍ଞାନୀମାନେ କୁହନ୍ତି ଯେ ଛାତ୍ର ବା ଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟମ ଧରଣର ଚାପ ନିତାନ୍ତ ଆବଶ୍ୟକ । କିନ୍ତୁ ପିଲାମାନଙ୍କ ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ । ଅନେକ ବାପା ମା' ଯେଉଁ ଲକ୍ଷ୍ୟ ନିଜେ ସାଧନ କରିବାରେ ବିଫଳ ହୋଇଥାନ୍ତି, ସେମାନେ ନିଜ ପିଲାମାନଙ୍କ ଦ୍ୱାରା ତାହା ହାସଲ କରିବାକୁ ଚେଷ୍ଟା କରନ୍ତି । ଏଭଳି ବାପା ମା ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରନ୍ତି । ପିଲାଟି କେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାର ସମ୍ଭାବନା ରଖିଛି, ସେ ଦିଗରେ ଧ୍ୟାନ ନଦେଇ ସେମାନେ ନିଜ ଦ୍ୱାରା ନିର୍ବାଚିତ କ୍ଷେତ୍ରରେ ପିଲାଟି ଭଲ କରୁ ବୋଲି ଚାହାନ୍ତି । ତାହା ହିଁ ପିଲାଟି ପାଇଁ କାଳ ହୋଇପଡ଼େ ।

ପିଲାଦିନରୁ ଜାଣିହେବ : ପିଲା ଦିନରୁ ଜାଣିହେବ ପିଲାଟି କେଉଁ ବିଷୟରେ ଭଲ କରିବ । ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ସେମାନେ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ବା ଅନାଗ୍ରହ ଦେଖାଇ ଥାନ୍ତି । ଜଣେ ସମ୍ବେଦନଶୀଳ ବାପା ମା ଏ ସଂପର୍କରେ ଧାରଣା କରିପାରେ । ପିଲାଟି ପଞ୍ଚମ ଶ୍ରେଣୀ ପଢ଼ିଲା ବେଳକୁ ବାପା'ମା ମାନେ ପିଲାଟି କେଉଁ ବିଷୟରେ ଭଲ କରିବ ବା କେଉଁ କ୍ଷେତ୍ରରେ ପିଲାଟିର ପ୍ରତିଭା ରହିଛି, ତାହା ଜାଣିପାରିବେ ।

ପିଲା ଚାପରେ ନ ଆସିବା ପାଇଁ କ'ଣ କରିବେ ? : ଏ ଦିଗରେ ବାପା ମା' ମାନଙ୍କର ଦାୟିତ୍ୱ ଅନେକ । ଅନେକ ବାପା ମା ପିଲାଟି ଦିନରୁ ଏ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ଥାନ୍ତି । ସେମାନଙ୍କ ପିଲାମାନେ ପରୀକ୍ଷା ବେଳେ ହଇରାଣରେ ପଡ଼ନ୍ତି ନାହିଁ । ସାନବେଳୁ ପିଲାମାନେ ଯେମିତି ସେମାନଙ୍କ ଭିତରେ ଏକ ଭଲ ସଉକ ବା 'ହବି' ବିକାଶ କରନ୍ତି ତାହା ଦେଖିବା କଥା । ଗପ ବହି ପଢ଼ିବାକୁ ଉତ୍ସାହିତ କରିବା, ଖବର କାଗଜ ପଢ଼ିବାର ଅଭ୍ୟାସ କରାଇବା, କୌଣସି ଏକ ଭଲ ବାଦ୍ୟଯନ୍ତ୍ର ବଜାଇବାର ତାଲିମ ଦେବା ଏଭଳି ସଉକର ଅନ୍ତର୍ଭୁକ୍ତ । ଯେତେବେଳେ ପାଠରୁ ଫୁର୍ସତ ମିଳିବ ସେତିକି ବେଳେ ପିଲାଟିଏ ଯଦି ସେ ଭଲ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପାଉଥିବା ଏଭଳି କୌଣସି ଏକ କାମରେ ଲାଗିବ, ତେବେ ତାର ମନକୁ ହାଲୁକା ହେବ ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ପଢ଼ାପଢ଼ି ଆରମ୍ଭ କଲା ବେଳକୁ ସେ ସତେଜ ହୋଇପାରିଥିବ । ପିଲାଟି ଦିନରୁ ପ୍ରତି ଦିନ ତିନିରୁ ଚାରି ଘଣ୍ଟା ପଢ଼ାର ଅଭ୍ୟାସ କରାଇବା ଭଲ । ଜଣେ ଯଦି ବର୍ଷ ଆରମ୍ଭରୁ ତିନିରୁ ଚାରି ଘଣ୍ଟା ପଢ଼େ, ତେବେ ତାକୁ ପରୀକ୍ଷା ବେଳକୁ ଅତି ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ । କ୍ଳାନ୍ତି ମେଣ୍ଟାଇବା ପାଇଁ ପିଲା ଭଲ ଭାବେ ଶୋଇବା ଉଚିତ । ପିଲାଟି ଭଲ ଗୀତ ଶୁଣି ବି ମନକୁ ପ୍ରଫୁଲ୍ଲ କରିପାରେ । କିନ୍ତୁ ଟିଭି ଦେଖି ମନକୁ ଖସି କରିବାର ଅଭ୍ୟାସ ଯେମିତି ପିଲାର ନହୁଏ, ସେ ଦିଗରେ ବାପା ମା'ମାନେ ଧ୍ୟାନ ଦେବା ଉଚିତ ।

ମାନସିକ ସାହସ : ପିଲାକୁ ମାନସିକ ସାହସ ବା ପ୍ରତ୍ୟୟ ଦେବା ପ୍ରତି ବାପାମାଙ୍କ ଦାୟିତ୍ୱ । ଏଇ ପରୀକ୍ଷାଟି ଗୁରୁତ୍ୱପୂର୍ଣ୍ଣ ମାତ୍ର ଖରାପ ହୋଇଗଲେ ସବୁ ବାଟ ବନ୍ଦ ହୋଇଯିବ ନାହିଁ ବୋଲି ପିଲାକୁ ବାପାମାମାନେ ବୁଝାଇବା ଦରକାର । ଏହା ମଧ୍ୟ ସତ ଯେ କୌଣସି ପରୀକ୍ଷା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଏହା ଏକମାତ୍ର କଥା ନୁହେଁ । ସବୁ ପରିସ୍ଥିତିର କିଛି ନା କିଛି ବିକଳ୍ପ ଅଛି ।

ଚାପର ପରିଣାମ : ଚାପଗ୍ରସ୍ତ ପିଲାମାନଙ୍କ ଉପରେ ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ । ଏହା ସେମାନଙ୍କ ଆତ୍ମପ୍ରତ୍ୟୟକୁ ଆକ୍ରାନ୍ତ କରେ । ବଡ଼ ହେଲା ପରେ ବି ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ଜଣା ପଡ଼ିଛି ଯେ ଅତ୍ୟଧିକ ଚାପଗ୍ରସ୍ତ ପିଲାମାନଙ୍କ ଭିତରୁ ପଚାଶ ପ୍ରତିଶତ କୌଣସି ନା କୌଣସି ସମୟରେ ଆତ୍ମହତ୍ୟା କରିବା ସଂପର୍କରେ ଗମ୍ଭୀରତାର ସହ ବିଚାର କରନ୍ତି । ସାଧାରଣତଃ ଏଭଳି ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଭିତରେ ପୁଅମାନଙ୍କ ସଂଖ୍ୟା ଝିଅମାନଙ୍କ ଠାରୁ ଅଧିକ । ଏହା ପଚରେ ଥିବା କାରଣଟି ହେଉଛି ପୁଅମାନଙ୍କ ଉପରେ କିଛି କରି ଦେଖାଇବାର ଚାପ ଅଧିକ ଥାଏ ।

ବାପାମାନେ କ'ଣ ଜାଣିବା ଉଚିତ : ଆଜିକାଲି ସହରୀ ବାପା ମା'ମାନଙ୍କ ଭିତରୁ ଅଧିକାଂଶ ଉଚ୍ଚଶିକ୍ଷିତ । ମାତ୍ର, ସେମାନଙ୍କ ଭିତରୁ ବେଶି ଭାଗ ପିଲାର ସାମଗ୍ରିକ ବିକାଶକୁ ନେଇ ଚିନ୍ତିତ ନୁହନ୍ତି ବା ସଚେତନ ନୁହନ୍ତି । ଅଧିକାଂଶ ମନୋବୈଜ୍ଞାନିକଙ୍କ ମତାନୁସାରେ ଏହା ହିଁ ହେଉଛି ପିଲାମାନଙ୍କ ଉପରେ ଚାପର ପ୍ରଧାନ କାରଣ । ସେମାନେ କୁହନ୍ତି ଯେ ପିଲାର ପ୍ରତିଭାକୁ ଏବେ ଗ୍ରେଡ୍ ଅନୁସାରେ ମପାଯାଉଛି । ପିଲାର ଜୀବନ ଏବେ ହୋଇପଡୁଛି ଗ୍ରେଡ୍ ସର୍ବସ୍ୱ । କିନ୍ତୁ, କୌଣସି ବିଦ୍ୟାଳୟର ଶିକ୍ଷକ ବା ପିଲାମାନଙ୍କ ବାପାମା'ମାନେ ପିଲାର ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ନଜର ଦିଅନ୍ତି ନାହିଁ । ଏହା ହିଁ ହେଉଛି ପିଲା ଉପରେ ବଢୁଥିବା ଚାପର ପ୍ରଥମ କାରଣ । ପୂର୍ବେ ପିଲାଟି କେବଳ ପରୀକ୍ଷାରେ ଭଲ କରୁ ବୋଲି ବାପାମା ଏବଂ ଗୁରୁଜନମାନେ ଆଶା କରୁଥିଲେ, ମାତ୍ର ଏବେ ଯେଉଁ ପିଲାଟି ଭଲ ଖେଳୁଛି, ତା ଉପରେ ବି ଏତେ ଚାପ ପଡୁଚି, ସେ ତାର ମୁକାବିଲା କରିବାକୁ ଅସମର୍ଥ ହେଉଛି ।

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କୁ କ'ଣ ଖାଇବାକୁ ଦେବେ ?

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଖାଦ୍ୟ ତାଲିକା ଚିକିତ୍ସା ବିଜ୍ଞାନରେ ସେପରି କିଛି ସ୍ୱତନ୍ତ୍ର ତାଲିକାରେ ନାହିଁ କିନ୍ତୁ ଏହି ସମୟରେ ଫାଷ୍ଟଫୁଡ୍, ଅତ୍ୟଧିକ ଗରିଷ୍ଠଖାଦ୍ୟ ଦିଅନ୍ତୁ ନାହିଁ । ଅଳ୍ପ ଅଳ୍ପ ଭାବରେ ବରଂ ଦିନକୁ ଚାରି ପା ଥର ଖାଦ୍ୟ ଦେଲେ ଭଲ । ରାତିରେ ବିଶ୍ରାମ ବେଳେ ପିଲାକୁ କ୍ଷୀର ପିଇବା ପାଇଁ ଦିଅନ୍ତୁ । ବର୍ତ୍ତମାନ ସହଜେ ଗ୍ରୀଷ୍ମର ଉତ୍ତାପ ବଢୁଥିବାରୁ ପିଲାମାନଙ୍କୁ ଫଳଜୁସ୍, ପଇଡ଼ପାଣି ଦେବା ଭଲ । ଥଣ୍ଡାପାନୀୟ ବା ଥଣ୍ଡାଖାଦ୍ୟ ଦିଅନ୍ତୁ ନାହିଁ । ମିଠା, ଆଇସ୍‌କ୍ରିମ ନଦେଲେ ଭଲ । ସୁଷମ ଖାଦ୍ୟ ଦିଅନ୍ତୁ, ତଟକା ପନିପରିବାରେ ଖାଦ୍ୟ ତିଆରି କରନ୍ତୁ । ପିଲାଟିର ଯେପରି ଖାଦ୍ୟଜନିତ କୋଷ୍ଠକାଠିନ୍ୟ ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ । ପିଲାକୁ କୌଣସି ଖାଦ୍ୟ ପାଇଁ ଜବରଦସ୍ତ କରନ୍ତୁ ନାହିଁ ବା ବାଧ କରନ୍ତୁନାହିଁ । ବାଶି ଖାଦ୍ୟ, ତେଲଭାଜି ନଦେଲେ ଭଲ । ଆମିଷ ଦିଅନ୍ତି କିନ୍ତୁ ଏହାର ପରିମାଣ କମ୍ ରଖନ୍ତୁ । ଆମିଷରେ ଛୋଟମାଛ ବା ଦେଶୀ ଅଣ୍ଡା ଭଲ । ପିଲାଟିର କୌଣସି ଦୀର୍ଘକାଳୀନ ଅସୁସ୍ଥତା ଥିଲେ ତୁରନ୍ତ ଶିଶୁବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଏହି ସମୟରେ ପିଲାର ମନସ୍ତାତ୍ତ୍ୱିକ ଦିଗକୁ ଆପଣ ଜଣେ ଅଭିଭାବକ ନୁହେଁ ବରଂ ଜଣେ ବନ୍ଧୁ ଭାବରେ ତା ସହିତ ସମୟ ଦେଲେ, ଭାବର ଆଦାନପ୍ରଦାନ କଲେ ଏହା ପିଲା ଉପରେ ଭଲ ପ୍ରଭାବ ପକାଇବ । ଉପରୋକ୍ତ କଥା ଗୁଡ଼ିକ ମାନି ଚଳନ୍ତୁ ଦେଖିବେ ଆପଣଙ୍କ ପିଲା ନିଶ୍ଚିନ୍ତ ଭାବରେ ଭଲ ଫଳ ପାଇବ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ସମାଜବାଦ ଆନ୍ଦୋଳନର ଭଗୀରଥ : ସୁରେନ୍ଦ୍ରନାଥ ଦ୍ୱିବେଦୀ

ସ୍ୱାଧୀନତା ସଂଗ୍ରାମର ବୀର ସୈନିକ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ ସମାଜବାଦ ଆନ୍ଦୋଳନର ଭଗୀରଥ କୁହାଯାଏ । ସ୍ୱାଧୀନତା ପରେ ସେ ସମାଜବାଦୀ ଆନ୍ଦୋଳନର ପ୍ରଖ୍ୟାତ ନେତା ଭାବେ ଖ୍ୟାତି ଲାଭ କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ କାରାଗାରରେ ଅଟକ ଥିବାବେଳେ ସେ ସମାଜବାଦର ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖିଥିଲେ । 'ବନ୍ଦୀର ଭାବନା' ନାମକ କବିତାରେ ସମାଜବାଦକୁ ସେ ଏଭଳି ଚିତ୍ରଣ କରିଯାଇଛନ୍ତି - 'ସମାଜ ଯେତେ ଧନ ହୋଇବ ଉତ୍ପନ୍ନ, କରିବ ସମାନ ଭାବେ ଦେଶରେ ବଣ୍ଟନ । ଉତ୍ପନ୍ନ ବଣ୍ଟନ ଯଦି ହାତେ ଆସେ ଭାଇ, ଧନୀ ଅକି ନ ହୋଇ ରହିବେ କି କେହି ? ପୁଣି ତୋ ପାଖେ ସଞ୍ଚିତ ଧନ ଭୋଗ ପାଇଁ ନୁହେଁ, ଦୁଃସ୍ଥ ଜନେ ଦେବା ଲାଗି ଜମା ପରା ଥାଏ । କରିବୁ ଯଦି ତୁ ଭୋଗ ନ ଦେବୁ ତାହାରେ, ନ ସହିବ ଧରା ଏହା, ଜଳିବୁ ପାପରେ' । ସୁରେନ୍ଦ୍ରନାଥ ଥିଲେ ବହୁ ପୁସ୍ତକର ରଚୟିତା । ତାଙ୍କ ଆତ୍ମ ଚରିତ 'ମୋ ଜୀବନର ସଂଗ୍ରାମ' ସମାଜବାଦୀ ଆନ୍ଦୋଳନର ଇତିହାସ । 'କାରାଗାରର କାହାଣୀ' ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେ ରାଜନୈତିକ ଦୁର୍ନୀତିର ତୀବ୍ର ବିରୋଧୀଥିଲେ । ୧୯୬୬ରେ ତାଙ୍କ ଦ୍ୱାରା ରଚିତ 'ପଲିଟିକାଲ କରପ୍‌ସନ ଅଫ୍ ଇଣ୍ଡିଆ' ପୁସ୍ତକଟି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ବିଜୁବାବୁ ଓ ବୀରେନ ମିତ୍ରଙ୍କ ଦୁର୍ନୀତି ବାବଦରେ ସ୍ୱର ଉତ୍ତୋଳନ କରିଥିବା ପ୍ରଥମ ନେତା ହେଉଛନ୍ତି ସେ । ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ନେହେରୁ ଅଣଦେଖା କରିବାରୁ ମାମଲାକୁ ସଂସଦରେ ଉଠାଇଥିଲେ, ରାଷ୍ଟ୍ରପତି ଡ.ରାଧାକୃଷ୍ଣନଙ୍କୁ ପତ୍ର ଲେଖିଥିଲେ । ଡ.ରାଧାକୃଷ୍ଣନ,



ଯୁଧିଷ୍ଠିର ମହାରଣା

ନେହେରୁଙ୍କୁ ଡାକି କହିଥିଲେ ବିଜୁ ପଟ୍ଟନାୟକ ବ୍ୟବସାୟ କରନ୍ତୁ କିମ୍ବା ରାଜନୀତି କରନ୍ତୁ । ଦୁଇଟିଯାକ ଏକସଙ୍ଗେ ହୋଇପାରିବ ନାହିଁ । ବିଜୁବାବୁ ମୁଦ୍ରା ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରିଥିବା ସୈନିକଙ୍କ ପାଇଁ ଉଦ୍ଦିଷ୍ଟ କମ୍ବଳ ଖୋଲା ବଜାରରେ ବିକିଥିବା ଏବଂ ଅନ୍ତର୍ଜାତୀୟ ଚୋରା ବେପାରୀ ୱାଲ୍‌କର୍ଟ ସହ ସଂପର୍କ ରଖିଥିବା କଥା ସୁରେନ୍ଦ୍ରନାଥଙ୍କ ଜରିଆରେ ପଦାକୁ ଆସିଥିଲା । ବିଜୁବାବୁଙ୍କ ଦୁର୍ନୀତି ବିରୋଧରେ ସିବିଆଇ ତଦନ୍ତ କରିଥିଲା । ଫଳରେ ବିଜୁବାବୁ ଓ ବୀରେନ ମିତ୍ର ନିଜ ନିଜର ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ । ଏ ପ୍ରସଙ୍ଗରେ ନିଜର ଆତ୍ମ ଚରିତରେ ସୁରେନ୍ଦ୍ରନାଥ ଲେଖିଛନ୍ତି ବିଜୁ ପଟ୍ଟନାୟକ ଯେ ନିର୍ଦ୍ଦିଷ୍ଟ ଦୋଷୀ ବୋଲି ପ୍ରମାଣିତ ହୋଇ ପଦ ତ୍ୟାଗ କଲେ, ମୋର ବିଶ୍ୱାସ ପଣ୍ଡିତ ନେହେରୁ ବଞ୍ଚିଥିଲେ ତାହା ହୋଇପାରି ନଥାନ୍ତା । ୧୯୧୩ ଫେବୃଆରୀ ୧୧ ତାରିଖ ଦିନରେ ସାଲେପୁର ନିକଟବର୍ତ୍ତୀ ଖଣ୍ଡସାହିର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ଏହି ମହାନ୍ ସଂଗ୍ରାମୀ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା





ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଜ୍ଞ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଉଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ନ୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ରୀରାମକୃଷ୍ଣ ସେବାଶ୍ରମ ତରଫରୁ ଶାଢ଼ୀ ବିତରଣ

ଖୋର୍ଦ୍ଧା,(ପି.ଏନ): ବୋଲଗଡ ବ୍ଲକର ପ୍ରମୁଖ ଆଧ୍ୟାତ୍ମିକ ସେବା ସଂଗଠନ ଶ୍ରୀରାମକୃଷ୍ଣ ସେବାଶ୍ରମ, ଟିକାତାଳ ଓ ମୋଇନା ସେବା ଫାଉଣ୍ଡେସନ, କୋଲକାତା ମିଳିତ ସହଯୋଗରେ ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକର ଚ଼ଢେୟାପଲ୍ଲୀ ଗ୍ରାମରେ ୧୦୩ ଜଣ ବୟସ୍କା ଅଭାବୀ ମା' ମାନଙ୍କୁ ଶା ?ୀ ବଣ୍ଟନ କରାଯାଇଛି । ଆଶ୍ରମର ଉପସଭାପତି ରାଜକିଶୋର



ଛୁଆଳସିଂହ, ସମ୍ପାଦକ ଗୋଲକ ଚ଼ନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଅଧ୍ୟାପକ ସର୍ବ ?ଶ୍ୱର ସାହୁ, ବରିଷ୍ଠ ସଦସ୍ୟା ସୁଶ୍ରୀ ବ୍ରଜଶ୍ରୀ ସାହୁ ଏହି ରିଲିଫ ଶିବିରକୁ ପରିଚ଼ାଳନା କରିଥିଲେ । ଶିବିର ଆରମ୍ଭରେ ଠାକୁର ରାମକୃଷ୍ଣ ପରମହଂସ, ମା' ସାରଦା ଦେବୀ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିକୃତିରେ ପୂଜା ଅର୍ଚ୍ଚନା ପୂର୍ବକ ତିନି ମହାପୁରୁଷଙ୍କ ଆଦର୍ଶ ଓ ସେବାଧର୍ମ ସମ୍ପର୍କରେ ଅବଗତ କରାଯାଇଥିଲା । ସ୍ଥାନୀୟ ଡାକ୍ତର ରାଜଶ୍ରୀ ସାହୁ ଶିବିରକୁ ସଂଯୋଜନା କରଥିଲେ।।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା, ଫୁଲଝର, କୁମୁଣ୍ଡି, ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।







**2025-2026**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday February 11 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୧୧,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଶରତ କର ଓ ଅନିମା କର ଫାଉଣ୍ଡେସନ ତରଫରୁ କ୍ରୀଡା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ମାହାଙ୍ଗା,(ପି.ଏନ) : ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ଅନ୍ତର୍ଗତ ବନ୍ତଳାସ୍ଥିତ କୃଷି ଉତ୍କର୍ଷ କେନ୍ଦ୍ରଠାରେ ଶରତ କର ଓ ଅନିମା କର ଫାଉଣ୍ଡେସନ ତରଫରୁ କ୍ରୀଡା ସମ୍ବର୍ଦ୍ଧନା ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନାମ ଧନ୍ୟ ଜାତୀୟ ସ୍ତରର କ୍ରିକେଟ ତାରକା ବସନ୍ତ ମହାନ୍ତି ଯୋଗଦେଇ ଗ୍ରାମାଂଚଳରେ ମେଧାବୀ ଛାତ୍ର ଛାତ୍ରୀଙ୍କ ସମେତ ଉଦୀୟମାନ ବିଭିନ୍ନ ବର୍ଗର ଖେଳାଳୀମାନଙ୍କୁ ପ୍ରୋତ୍ସାହନ ଦେଇ ଦେଶ ଓ ଜାତିକୁ ଗୌରବାନ୍ୱିତ କରୁଥିବା ଶରତ କର ଫାଉଣ୍ଡେସନର କାର୍ଯ୍ୟକ୍ରମକୁ ଭୂୟଶୀ ପ୍ରଶଂସା କରିଥିଲେ । ଏହି ଅବସରରେ ନିକଟ ଅତୀତରେ କଟକ ଜିଲ୍ଲା ସ୍ତରୀୟ ୧୯ ବର୍ଷରୁ କମ୍ ବୟସ୍କ ବାଳିକା ବର୍ଗର କ୍ରିକେଟ ଖେଳାଳୀମାନଙ୍କ ମଧ୍ୟରେ ସ୍ଥାନୀତ ମାହାଙ୍ଗା ଅଂଚଳର ବିଶିଷ୍ଟ ବାଳିକା କ୍ରିକେଟ ତାରକା ବିଷ୍ଣୁପ୍ରିୟା ଜେନା, ପ୍ରତିଷ୍ଠା ପ୍ରିୟଦର୍ଶିନୀ ସିଂ, ଦମୟନ୍ତୀ ଜେନା, ସ୍ମୃତିରେଖା ରାୟ, ଗାୟତ୍ରୀ ଖୁ ିଆ, ଅଭିଲିପ୍ସା ସାହୁ ଓ ଦୀପଶିଖା ନାୟକ ପ୍ରମୁଖ ଏବଂ ସେମାନଙ୍କ କ୍ରିକେଟ କ୍ରୀଡା ପ୍ରଶିକ୍ଷକ ଲେଲିନ୍ କୁମାର ବଳଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ତଥା ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ କର ମାହାଙ୍ଗା ସମେତ ସମଗ୍ର ରାଜ୍ୟରେ ଶିକ୍ଷା, କ୍ରୀଡା, ସଂସ୍କୃତି କ୍ଷେତ୍ରରେ ଏଭଳି ପ୍ରୋତ୍ସାହନ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରୀ ଅଧିକ ବ୍ୟାପକ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଆର୍ନ୍ତଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ସଲିଡାର ଡାଡ୍ର ଓଡିଶା ମୁଖ୍ୟ ନିର୍ବାହୀ ଜ୍ଞାନରଂଜନ ଷଡଙ୍ଗୀ, ଫାଉଣ୍ଡେସନ କୃଷି ଉତ୍କର୍ଷ କେନ୍ଦ୍ରର ସଂଯୋଜକ ଶୁଭେନ୍ଦୁ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ମାହାଙ୍ଗା ନିଶ୍ଚିନ୍ତକୋଇଲି ଅଂଚଳର ବହୁ ବୁଦ୍ଧିଜୀବୀ ବୟସ୍କ ମୁରବୀ ତଥା କ୍ରିକେଟ୍ ପ୍ରେମୀ ଜନସାଧାରଣ ଉପସ୍ଥିତ ରହି କିଶୋରୀ କ୍ରିକେଟ ତାରକାମାନଙ୍କୁ ଉତ୍ସାହିତ କରିଥିଲେ ।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ବୃହ ମ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୋମବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆମୋନିଆ ଲିକ୍ ହେଲେ କିପରି ସତର୍କତା ଅବଲମ୍ବନ କରାଯିବ ସେ ନେଇ ଜନସାଧାରଣଙ୍କୁ ସଚେତନତା କରିବା ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ରହିଥିଲା । ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ଗ୍ରାମର ଭୂତେଶ୍ୱର ମନ୍ଦିର ପରିସରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଇଫକୋ କୋରଡେଟ୍ର ଅଧ୍ୟକ୍ଷ କୁଳମଣି ମାଝୀ, ଇଫକୋର ଉପ-ପ୍ରବନ୍ଧକ ଏମ.ଆର.ନାୟକ, ପି.ସି.ବିଶ୍ୱାଳ, ଆଗ୍ନିକ ଓ ସୁରକ୍ଷା ଅଧିକାରୀ ଏ.କେ.ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆମୋନିଆ ଗ୍ୟାସ୍ ଲିକ୍ ହେଲେ କିପରି ତାହାର ମୁକାବିଲା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ସମୟରେ ଭୟଭୀତ ନହୋଇ ପରିସ୍ଥିତିକୁ ସରଳତାର ସହିତ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ ଅତିଥିମାନେ । ଉପସ୍ଥିତ ତିନିଶହରରୁ ଉର୍ଦ୍ଧ ଜନସାଧାରଣଙ୍କୁ ସୂଚନାପତ୍ର ପ୍ରଦାନ କରାଯାଇଥିଲା ।

## ରେସନକାର୍ଡରେ ଚାକିରୀଆ ଓ କରଦାତାଙ୍କ ନାମକୁ ନେଇ ଉଠିଲା ପ୍ରଶ୍ନବାଚୀ

ମାହାଙ୍ଗା,(ପି.ଏନ): ରାଜ୍ୟରେ ଅଯୋଗ୍ୟ ଓ ଭୂତ ରେସନକାର୍ଡ ହିତାଧିକାରୀଙ୍କ ସଂଖ୍ୟା ଜାଣିବା ପାଇଁ ରାଜ୍ୟ ସରକାର ରେସନକାର୍ଡ ସହିତ ଇ-କେୱାଇସି କରୁଥିଲା ବେଳେ ଅଦ୍ୟାବଧି ୩୭ଲକ୍ଷ ୮୫ ହଜାର ୪୯୬ ଜଣ ହିତାଧିକାରୀ ଇକେୱାଇସି ଅପ୍‌ଡେଟ୍ କରିନଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଅପରପକ୍ଷରେ ରାଜ୍ୟରେ ୮ଲକ୍ଷ ହିତାଧିକାରୀ ଚାକିରିଆ ଓ ଆୟକରଦାତା ବୋଲି ଜଣାପଡିଥିଲା । ଏଥି ମଧ୍ୟରୁ ୧୨ ହଜାର ଚାକିରୀଆ ଓ ବଡ ବଡିଆ କାର୍ଡ ଫେରସ୍ତ କରିଥିଲା ବେଳେ ଅବଶିଷ୍ଟ କାର୍ଡ ବିଭାଗ ପାଖକୁ ଫେରସ୍ତ ଆସିନଥିବା ଚର୍ଚ୍ଚା ହେଉଛି । ଏଠି ପ୍ରଶ୍ନ ଉଠୁଛି ଯେ ବିଗତ ବିଜେଡି ସରକାର ଅମଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ରେସନକାର୍ଡ ଫେରାଇବା ପାଇଁ କୁହାଯାଇଥିଲା । ଯଦି ରେସନକାର୍ଡ ସେମାନେ ନ ଫେରାନ୍ତି ସେମାନଙ୍କ ବିରୁଦ୍ଧରେ ଥାନାରେ ଫୌଜଦାରୀ ମାମଲା ରୁଜୁ ହେବ ବୋଲି ତତ୍କାଳୀନ ସରକାର ଘୋଷଣା କରିଥିଲେ । ପରବ ୀ ସମୟରେ କେତେକ ଅଯୋଗ୍ୟ ହିତାଧିକାରୀ ରେସନକାର୍ଡ ସହିତ ଜୋରୀମାନା ଅର୍ଥ ପ୍ରଦାନ କରିଥିଲେ । ଅପରପକ୍ଷରେ ରାଜ୍ୟ ସରକାର ଜୋରୀମାନା ଦେଇଥିବା ଅର୍ଥକୁ ହିତାଧିକାରୀଙ୍କୁ ଫେରସ୍ତ କରିବା ସହ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଫେରାଇଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଅନେକଙ୍କୁ ନୂତନ ରେସନକାର୍ଡ ଦେଇଥିଲେ । ମାହାଙ୍ଗା ଅଂଚଳରେ ବହୁ ଅଯୋଗ୍ୟ ରେସନ କାର୍ଡ ହାତେଇଥିବା ଚର୍ଚ୍ଚା ହୋଇଥିଲା । କେତେ ଜଣ ରେସନକାର୍ଡ ଫେରସ୍ତ କରିଥିଲେ ପରବ ୀ ସେମାନଙ୍କ ମଧ୍ୟରୁ କେତେ ଜଣକୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜାନରେ ଅନ୍ତିର୍ଭୁକ୍ତ କରାଯାଇଥିଲା ସେ ତଥ୍ୟ ପ୍ରଦାନ କରିବାକୁ ମାହାଙ୍ଗା ବ୍ଲକ ଯୋଗାଣ ଅଧିକାରୀ ପଛଘୁ । ଦେଇଥିଲେ । ଏଥିପାଇଁ ଦାୟୀ କିଏ ? ଯୋଗାଣ ବିଭାଗ ନା ହିତାଧିକାରୀ । କେଉଁ କାରଣ ପାଇଁ ଯୋଗାଣ ବିଭାଗ ଅଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ କରିନଥିଲେ । ଦଳୀୟ ରାଜନେତାଙ୍କ କଥାରେ ଉଠବସ ହୋଇ ଅଧିକାରୀମାନେ ସବୁ ଅନ୍ୟାୟକୁ ନ୍ୟାୟ ଭାବରେ ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି ।

## ପାରାଦୀପ ମହାବିଦ୍ୟାଳୟ ପରିସରରେ ସମୂହ ସଫେଇ କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ରବିବାର ଦିନ ତିନି ଦିନ ବ୍ୟାପି ଚାଲିଥିବା ପାରାଦୀପ ମହାବଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି । ଏହି ସମାରୋହ ଉଦଘାପିତ ହେବା ପରେ ଉତ୍ସବସ୍ଥଳରେ ଅଳିଆ ପଡିଥିଲା । ଏହି ଅଳିଆ ସଫା କରିବା ପାଇଁ ଉଦଯାପନୀ ସମାରୋହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଲୁମିନି ଆସୋସିଏସନ୍‌ର ସଭାପତି ବସନ୍ତ ବିଶ୍ୱାଳ ସମୂହ ସଫେଇ ପାଇଁ ଆହ୍ୱାନ ଦେଇଥିଲେ । ସୋମବାର ଦିନ ସକାଳେ ଆଲୁମିନି ଆସୋସିଏସନ୍‌ର ସଦସ୍ୟ, ସଦସ୍ୟାମାନେ, ଏନସିସି ଆଲୁମିନି ଆସୋସିଏସନ୍‌ର ସଦସ୍ୟ, ସଦସ୍ୟାମାନେ ମହାବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ଅଳିଆ ସଫା କରିଥିଲେ । ସଂଗୃହୀତ ଅଳିଆଗୁଡିକୁ ପାରାଦୀପ ପୌରପାଳିକା ସଫେଇ କର୍ମଚାରୀମାନେ ସଂଗୃହୀତ କରି ସ୍ଥାନାନ୍ତରିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୌତମ କୁମାର ନାୟକ, କୋଷାଧ୍ୟକ୍ଷ ମନମୋହନ ମିଶ୍ର, ବରିଷ୍ଠ ସଦସ୍ୟ ଅନିଲ କୁମାର ନାୟକ, କଣ୍ଣମଣି ସେଠୀ, ନଳିନୀ ସାହୁ, ଏନସିସି ଆଲୁମିନି ଆସୋସିଏସନ୍‌ର ଅମ୍ବିକା ମହାପାତ୍ର, ବିଶ୍ୱଜିତ ସାମଲ, କୃପାସିନ୍ଧୁ ଦାସ,ଗୋବିନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥି ଆଲୁମିନି ଆସୋସିଏସନ୍‌ର ସଦସ୍ୟ, ସଦସ୍ୟା, ଏନସିସି ଆଲୁମିନି ଆସୋସିଏସନ୍‌ର ସଦସ୍ୟ,ସଦସ୍ୟାମାନଙ୍କ ଏହି କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ ।

## ଦୁର୍ଯ୍ୟୋଧନ ପ୍ରଧାନଙ୍କର ଦେହାନ୍ତ : ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ନୂଆଦିଲ୍ଲୀ/ ଭୁବନେଶ୍ୱର (ପି.ଏ) : ଦିଲ୍ଲୀର ବିଶିଷ୍ଟ ଉଦ୍‌ଯୋଗପତି ଓ ସ୍ୱନାମଧନ୍ୟ ସାମାଜସେବୀ ଦୁର୍ଯ୍ୟୋଧନ ପ୍ରଧାନଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ବ୍ୟାଧି ଯୋଗୁଁ ସେ କିଛିଦିନ ଧରି ପୀଡ଼ିତ ଥିଲେ । ରବିବାର ଅପରାହ୍ନ ୩:୨୦ ମିନିଟରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ହୃଦଘାତ ଯୋଗୁଁ ତାଙ୍କର ପରଲୋକ ଘଟିଥିଲା । ଜାତୀୟ ରାଜଧାନୀର ହାଉଜଖାସସ୍ଥିତ ପ୍ରମୁଖ ଜଗନ୍ନାଥ ମନ୍ଦିରର ସେ ପ୍ରତିଷ୍ଠାତା ଥିଲେ । ଏହି ମନ୍ଦିରକୁ ପରିଚାଳନା କରୁଥିବା କମିଟି ଶ୍ରୀ ନୀଳାଚଳ ସେବାସଙ୍ଘର ସଂସ୍ଥାପକ ସମ୍ପାଦକ ଭାବେ ସେ ୧୯୬୭ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଦୀର୍ଘ ୪୫ ବର୍ଷ କାଳ ଦକ୍ଷତାର ସହିତ ଗୁରୁ ଦାୟିତ୍ୱ ନିର୍ବାହ କରି ଆସିଥିଲେ । ଠାକୁର ନିଗମାନନ୍ଦଙ୍କର ପରମ ଭକ୍ତ ଶ୍ରୀ ପ୍ରଧାନ ଦିଲ୍ଲୀ ସାରସ୍ୱତ ସଙ୍ଘର ୧୯୮୧ ମସିହାଠାରୁ ଆଜୀବନ ସଭାପତି ରହି ଛତରପୁରସ୍ଥିତ ଏହାର ଆଶ୍ରମକୁ ସୁପରିଚାଳନା କରି ଆସୁଥିଲେ । ୧୯୫୦ ମସିହାରେ ଓଡ଼ିଶାରୁ ଦିଲ୍ଲୀ ଆସିଥିବା ଶ୍ରୀ ପ୍ରଧାନ ୧୯୬୬ ମସିହାରେ ଡିଡି ପ୍ରଧାନ ଏଣ୍ଡ କମ୍ପାନୀ ପ୍ରତିଷ୍ଠା କରିଥିଲେ । ଏହି ସଂସ୍ଥା ମାଧ୍ୟମରେ ସେ ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରରେ ସହସ୍ରାଧିକ ଓଡ଼ିଆ ଯୁବକଙ୍କ ପାଇଁ ପାଣି ପାଇପ ଯନ୍ତ୍ରୀ, ମିସ୍ତ୍ରୀ ଓ ଠିକାଦାର ଭାବରେ ନିଯୁକ୍ତି ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିଥିଲେ । ସାରା ବିଶ୍ୱରେ ଓଡ଼ିଆମାନଙ୍କର ତତ୍ତ୍ୱାବଧାନରେ ପାଣି ପାଇପ ଉଦ୍‌ଯୋଗର ବ୍ୟାପକ ପ୍ରସାରଣ କରିବାରେ ତାଙ୍କର ବିଶେଷ ଯୋଗଦାନ ଥିଲା । ଓଡ଼ିଶୀ ଏକାଡେମୀ ଦିଲ୍ଲୀର ବହୁ ବର୍ଷ ଧରି ସଭାପତି ରହିଥିବା ଶ୍ରୀ ପ୍ରଧାନଙ୍କର ଜାତୀୟ ସ୍ତରରେ ଓଡ଼ିଶାର କଳା,ସଂସ୍କୃତିକୁ ପ୍ରଚାର ଓ ଲୋକପ୍ରିୟ କରିବାରେ ଉଲ୍ଲେଖନୀୟ ଅବଦାନ ରହିଛି । ସ୍ୱର୍ଗତଃ ଦୁର୍ଯ୍ୟୋଧନ ପ୍ରଧାନ ତାଙ୍କର ତିନି ପୁଅ ଶ୍ରୀ ନୀଳାଚଳ ସେବାସଙ୍ଘର ସମ୍ପାଦକ ତଥା ଫାର୍ଷ୍ଟ ପ୍ଲବିଙ୍ଗର ପ୍ରତିଷ୍ଠାତା ରବୀନ୍ଦ୍ର ନାଥ ପ୍ରଧାନ, ଡିଡି ଏଣ୍ଡ କୋର ଦୁଇ ନିର୍ଦ୍ଦେଶକ ରମାକାନ୍ତ ପ୍ରଧାନ ଓ ହେମାକାନ୍ତ ପ୍ରଧାନ, ଦୁଇ ଝିଅ କନକଲତା ପାତ୍ର ଏବଂ ବିଦୁଲତା ଜେନା, ତିନି ବୋହୂ ସବିତା ପ୍ରଧାନ, ରୁନୁ ପ୍ରଧାନ, ଶାଳିନୀ ପ୍ରଧାନ ପ୍ରମୁଖଙ୍କୁ ଛାଡ଼ି ଯାଇଛନ୍ତି । ତାଙ୍କର ଅନ୍ୟ ପରିବାରବର୍ଗଙ୍କ ମଧ୍ୟରେ ଦୁଇ ଜ୍ୱାଇଁ ପ୍ରଶାନ୍ତ କୁମାର ପାତ୍ର ଓ ସ୍ୱର୍ଗତଃ ଅଶୋକ କୁମାର ଜେନା, ନାତି ସିଦ୍ଧାର୍ଥ ପ୍ରଧାନ, ଶେଖର ପ୍ରଧାନ, ସଞ୍ଚିତ ପ୍ରଧାନ, ସୌରଭ ପ୍ରଧାନ, ନାତୁଣୀ ପ୍ରୀତି ପଟ୍ଟି, ସ୍ୱାତୀ ପାତ୍ର, ସଂଘମିତ୍ରା ବିଶ୍ୱାଳ, ଗାୟତ୍ରୀ ପ୍ରଧାନ, ନିବେଦିତା ଜେନା, ମେହକ ପ୍ରଧାନ, ନାତୁଣୀ ଜ୍ୱାଇଁ ରବୀନ ଗୋଚ୍ୱାଲ୍ ଏବଂ ଅଣନାତି, ନାତୁଣୀ ଚାର୍ବି, ଚାର୍ବିକ, ଶ୍ରେୟଶ୍ରୀ, ମାଳବିକ ଓ ଲାବଣ୍ୟ ପ୍ରମୁଖ ସାମିଲ ଅଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ମାଣ୍ଡପଡ଼ା ଗ୍ରାମରେ ଶ୍ରୀ ପ୍ରଧାନ ୧୯୩୨ ମସିହା ଡିସେମ୍ବର ୧୩ ତାରିଖରେ ପିତା ବୃନ୍ଦାବନ ପ୍ରଧାନ ଓ ମାତା ଦେବକୀ ପ୍ରଧାନଙ୍କର ଔରସରୁ ଜନ୍ମ ଗ୍ରହଣ କରିଥିଲେ । ନିଜର ପୈତୃକ ଗ୍ରାମରେ ଦାତବ୍ୟ ସେବା ପାଇଁ ବେଶ ସୁନାମ ଅର୍ଜନ କରିଥିବା ସ୍ୱର୍ଗତଃ ପ୍ରଧାନଙ୍କୁ ଲୋକମାନେ ଆଦରରେ ଧନୀ ପ୍ରଧାନ ବୋଲି ସମ୍ବୋଧନ କରୁଥିଲେ । ସେ ସ୍ୱର୍ଗତଃ ନୀଳିମା ପ୍ରଧାନଙ୍କୁ ୧୯୫୫ ମସିହାରେ ବିବାହ କରିଥିଲେ । ସୋମବାର ଦିନ ବଢ଼ିଭୋରରୁ ଶ୍ରୀ ପ୍ରଧାନଙ୍କର ଶେଷ କୃତ୍ୟ ପୁରୀର ସ୍ୱର୍ଗଦ୍ୱାରଠାରେ ପରିବାର ବର୍ଗଙ୍କ ପକ୍ଷରୁ ସମ୍ପନ୍ନ କରାଯାଇଛି । ସ୍ୱର୍ଗତଃ ପ୍ରଧାନଙ୍କର ଜ୍ୟେଷ୍ଠ ପୁତ୍ର ରବୀନ୍ଦ୍ରନାଥ ପ୍ରଧାନ ମୁଖାଗ୍ନି ପ୍ରଦାନ କରିଥିଲେ । ତାଙ୍କର ଅନ୍ୟ ଦୁଇ ପୁତ୍ର ରମାକାନ୍ତ ଓ ହେମାକାନ୍ତ ଶବାଧାରରେ ଅଗ୍ନି ସଂଯୋଗରେ ସହଯୋଗ କରିଥିଲେ । ଶବ ସତ୍କାର ସମୟରେ ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଓ ସିଲଭର ଗାନ୍ଧୀ ଭାବରେ ପ୍ରସିଦ୍ଧ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି ।



## ବିପ୍ଳବୀ ଆନନ୍ଦ ଜେନା ସ୍ମୃତି ସମାରୋହ



କେନ୍ଦ୍ରାପଡ଼ା,(ପି.ଏନ): କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତି ସମାରୋହ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟି ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥି ଓ ଗବେଷକ ନିରଞ୍ଜନ ମେକାପ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସ୍ମୃତି କମିଟି ଉପସଭାପତି ସଞ୍ଜୟ ସ୍ୱାଇଁ, ସଂଯୋଜକ ସଞ୍ଜୟ ଜେନା, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ତ୍ୟାଗ, ତିତିକ୍ଷା, ଜନତା ଅଧିକାର ପାଇଁ ଲଢେଇ ସର୍ବୋପରି କନିକା ପ୍ରଜା ଆନ୍ଦୋଳନରେ ତାଙ୍କର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ରମଣୀରଞ୍ଜନ ରାଉତରାୟ ବୀବରଣୀ ପାଠ କରିଥିଲେ । ବିଜେପି ଯୁବନେତା ମିଟୁମନୋଜ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଧିରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୋଲଖ ଚନ୍ଦ୍ର ପରିଡା, ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂ, ବିଦ୍ୟାମନ୍ଦିର ସହସମ୍ପାଦକ ଦେବାଶିଷ ପଣ୍ଡା, ଅନ୍ତର୍ଯ୍ୟାମୀ ମଲିକ, ଅନିଲ ଚୌଧୁରୀ, ଉପେନ୍ଦ୍ର ନାୟକ, ଶିଶିର ମଲିକ, ପ୍ରକାଶ ଦାସ, ହୃଷିକେଶ ମଲିକ, କେଦାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାରୋହକୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ କ୍ଷୀରୋଦ ଦାଶ, କୈଳାସ ଗେରୁ, ଅମର ସେଠୀ, ପ୍ରଦ ପଣ୍ଡା, ମୃତ୍ୟୁଞ୍ଜୟ ମଲିକ, ଶିବବ୍ରତ ଜେନା, ପ୍ରଦୀପ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ନିରୁପମା ଷଡଙ୍ଗୀ, ସୁଚିତ୍ରା ଜେନା ପ୍ରମୁଖ ପରିଚାଳନା କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray